## ବ୍ଲକ୍‌ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘ ସମାବେଶ




**ଯାଜପୁର, ୧୫।୨(ସମିସ):** ଯାଜପୁର ବ୍ଲକଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ସାମ୍ବିଧାନିକ ସମାବେଶ ଚଇନପୁରସ୍ଥ ସୁଦର୍ଶନ ପାଢ଼ୀ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାମୋଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା, ବ୍ଲକ ସ୍ତରର କର୍ମକର୍ତ୍ତା, ବରିଷ୍ଠ ଶିକ୍ଷକ ଓ କର୍ମଚାରୀ ଯୋଗଦେଇ ଦୀର୍ଘବର୍ଷ ଧରି ବ୍ଲକଗ୍ରାଣ୍ଟ ବିଦ୍ୟାଳୟର ନାର୍ଯ୍ୟ ଅଧିକାର ପେନ୍‌ସନ ଓ ଅନ୍ୟାନ୍ୟ ସର୍ତ୍ତାବଳିରୁ ବଞ୍ଚିତ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ରାଜ୍ୟ ସମ୍ପାଦକ ଅଶୋକ ଲେଙ୍କା, ରାଜ୍ୟ ସଂଯୋଜକ ଅକ୍ଷୟ ଖଣ୍ଡାଇ, ଜିଲ୍ଲାର ପୂର୍ବତନ ସଭାପତି ହରିଶ ମହାରଣା, ଅନିଲ୍ ରାୟ, ବୃଷଭାନୁ ଜେନା, ଯୁଗଳ ସାହୁ, ଆର୍ଯ୍ୟନାରାୟଣ ପଣ୍ଡା, ସତ୍ୟଭୂଷଣ ବାରିକ, ରାଜକିଶୋର ପୋଥାଳ, ଗୋପୀନାଥ ମିଶ୍ର, ବିମ୍ବାଧର ଜେନା, ରମାକାନ୍ତ ଭଞ୍ଜ, ମାନସ ଦେବତା, ଜନ୍ମେଜୟ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଅନୀଲ କୁମାର ରାୟ, କାର୍ଯ୍ୟକାରୀ ସଭାପତି ଆର୍ଯ୍ୟନାରାୟଣ ପଣ୍ଡା, ଉପସଭାପତି ମାନସ ଦେବତା, ଅଚ୍ୟୁତାନନ୍ଦ ପରମାଣିକ, ସମ୍ପାଦକ ବୃଷଭାନୁ ଜେନା, ସହସମ୍ପାଦକ ସତ୍ୟଭୂଷଣ ବାରିକ, ଏସକେ ତାଜଉଦ୍ଦିନ, ଯୁଗ୍ମ ସମ୍ପାଦକ ଗୋପିନାଥ ମିଶ୍ର, କୋଷାଧ୍ୟକ୍ଷ ରାଜକିଶୋର ପୋଥାଳ, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଅକ୍ଷୟ ଖଣ୍ଡାଇ, ଉପଦେଷ୍ଟା ମଣ୍ଡଳୀ ପାଇଁ ହରିଶ୍ଚନ୍ଦ୍ର ମହାରଣା, ଯୁଗଳ କିଶୋର ସାହୁ, ରମାକାନ୍ତ ଭଞ୍ଜ, ବିମ୍ବାଧର ଜେନା, ଗୌରାଙ୍ଗ ଚରଣ ସ୍ୱାଇଁ, କିଶୋର ଜେନା, ହେମନ୍ତ ସାହୁ, କ୍ଷୀରୋଧ ଦାସ ପ୍ରମୁଖ ନିର୍ବାଚିତ ହୋଇଥିଲେ। ପରେ ନୂତନ କର୍ମକର୍ତ୍ତାଙ୍କୁ ରାଜ୍ୟ ସମ୍ପାଦକ ଶପଥ ପାଠ କରାଇଥିଲେ।

## ନେମ୍ ଏଣ୍ଡ ଫେମ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



**ପାଣିକୋଇଲି, ୧୫।୨(ସମିସ):** ପାଣିକୋଇଲିସ୍ଥ ନେମ୍ ଏଣ୍ଡ ଫେମ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ମମତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ମୁଖ୍ୟଅତିଥି ଭାବେ ଗାୟତ୍ରୀ ନାୟକ, ମୁଖ୍ୟବକ୍ତା ଭାବେ ଡକ୍ଟର ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ସତ୍ୟଶୀଳ ଦାସ, ବିଶ୍ୱଜିତ ପଣ୍ଡା ଓ ସ୍କୁଲର ଚେୟାରମ୍ୟାନ ବନୋଜ ଜେନା ପ୍ରମୁଖ ଯୋଗଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଭୁ ଜେନା ଓ ଯାଜ୍ଞସେନୀ ସାମଲ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ସୁଶାନ୍ତ ରାଉତ, ଆରତୀ ସାମଲ, ରଞ୍ଜନ ଦାସ, ସୁପ୍ରଭା ମିଶ୍ର, ଜ୍ୟୋତ୍ସ୍ନାରାଣୀ ଦାସ, ଆୟୁଷ ନାୟକ, ପ୍ରାର୍ଥନା ପହୀ, ତପସ୍ୱିନୀ ସାମଲ, ସୁବ୍ରତ ସାହୁ, ତରୁଣ ପଣ୍ଡା, ସୁବ୍ରତ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହାବୀର ଗୁରୁକୁଳ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ



**ଯାଜପୁର, ୧୫।୨(ସମିସ):** ଯାଜପୁର ବ୍ଲକ ଖଇରାବାଦସ୍ଥ ମହାବୀର ଗୁରୁକୁଳ ଶିକ୍ଷାଶ୍ରମର ପଞ୍ଚଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ହେମଲତା କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ଶିଶୁଙ୍କ ଭିତରେ ଯେପର୍ଯ୍ୟନ୍ତ ଶିକ୍ଷା ଓ ସଂସ୍କାର, ଦେଶ ପ୍ରେମ, ଦେଶ ଭକ୍ତି ଜାଗ୍ରତ ନ ହୋଇଛି; ସେ ପର୍ଯ୍ୟନ୍ତ ଦେଶର ପ୍ରକୃତ ବିକାଶ ହୋଇପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକ ସହଶିକ୍ଷାମଣ୍ଡଳ ଅଧିକାରୀ ମନୋଜ କୁମାର ଜେନା, ବିଦ୍ୟାଳୟର ସମ୍ପାଦକ ରାଜେଶ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାଜପୁର ନଗରର ପ୍ରଧାନ ଆଚାର୍ଯ୍ୟା ବଂଶୋରୀ ବିଶ୍ୱାଳ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟା ଦୀପ୍ତିରାଣୀ ବାନାର୍ଜୀ, ପୂର୍ଣ୍ଣିମା ପାଣି, ଦମୟନ୍ତୀ ମହାରଣା, ଉର୍ମିଳା ରଣା, ପୂଜା ଚାନ୍ଦ, ଅନିଚିତା ପଣ୍ଡା, ସୁଜାତା ବାଇ, ସ୍ମୃତି ସାହୁ, ଦେବକଲ୍ୟାଣୀ କର, ଚିନ୍ମୟ ବେହେରା, ଜାଗା ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁଇଟି ଦୋକାନରୁ ଚୋରି

**ଷଠିପୁର, ୧୫।୨(ସମିସ):** ପାଣିକୋଇଲି ଥାନା ତଥା ମାଳଆନନ୍ଦପୁର ପଞ୍ଚାୟତର ମାଧପୁର ଗ୍ରାମରେ ଥିବା ଦୁଇଟି ତେଜରାତି ଦୋକାନରୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଚୋରି କରିଥିବା ଦୁଇ ଦୋକାନୀ ମାଲିକ କାର୍ତ୍ତିକ ସାହୁ ଓ ଯଦୁମଣି ମହାନ୍ତି ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାତିରେ ଦୁଇ ଦୋକାନୀ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ପରେ ଶନିବାର ସକାଳୁ ଆସି ଦେଖିବା ବେଳକୁ ଦୁଇ ଦୋକାନର ତାଲା ଭଙ୍ଗା ଯାଇଥିବାବେଳେ ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୁଲିସ ତଦନ୍ତ କରୁଛି।

### ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକାଦାର ପ୍ରୀତି

# ରାସ୍ତା ନିର୍ମାଣ ପାଇଁ ପୋତିଦେଲେ କେନାଲ

ଯାଜପୁର, ୧୫।୨(ସମିସ)



ଯାଜପୁର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗରେ ନାନା କେଳେଙ୍କାରି ଦେଖିବାକୁ ମିଳୁଥିବାବେଳେ ଏବେ ଏକ ଅଜବ କେଳେଙ୍କାରୀ ସାମ୍ନାକୁ ଆସିଛି। ଠିକାଦାର ପ୍ରୀତି ପାଇଁ ଏକ କେନାଲକୁ ପୋତି ରାସ୍ତା ନିର୍ମାଣ କରାଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରସୁଲପୁର ବ୍ଲକ ଯାବରା ପଞ୍ଚାୟତରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ଦ୍ୱାରା ଏହି ରାସ୍ତା ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି।

ବରକୋଳିପାଟଣା ଆରଡି ରାସ୍ତାଠାରୁ ନଠୁଆବର ଭାୟା କାଣ୍ଡସରା, କପାଳୀ, କୃଷ୍ଣପଡ଼ା, କୋରକେରା ଓ ଶବର ସାହି ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ କରାଯାଉଛି। ଏହି ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୪.୫୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି କାର୍ଯ୍ୟକୁ ଠିକାଦାର ବିଜୟ କୁମାର ନାୟକ କରୁଛନ୍ତି। ଏହି ନିର୍ମାଣ ପାଇଁ ଦୀର୍ଘ ୨୦୦ ବର୍ଷର ଦୁଧେଇ କେନାଲର ମୁହାଣକୁ ବେଆଇନ ଭାବେ ପୋତି ଦିଆଯାଇଥିବା ନେଇ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ, ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ସୂଚନା ଅଧିକାର କର୍ମୀ ନିରଞ୍ଜନ ବାରିକ ଓ ମଧୁସୂଦନ ପଣ୍ଡା ଗତ ଅଗଷ୍ଟ ମାସରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଡ୍ରେନେଜ ବିଭାଗ ଅଧୀନରେ ଥିବା ଦୁଧେଇ କେନାଲକୁ ୨୦୧୫ରେ ୪୭୫୬୮୫୧ ଟଙ୍କା ବ୍ୟୟ କରି ପୁନରୁଦ୍ଧାର କରାଯାଇଥିଲା। ଏହାକୁ ଡ୍ରେନେଜ ବିଭାଗର ବିନା ଅନୁମତିରେ ଗ୍ରାମ୍ୟ ଉନ୍ନୟନ ବିଭାଗ କେନାଲକୁ ପୋତି ରାସ୍ତା ନିର୍ମାଣ କରୁଛି।

୬୦ କିମି ବ୍ୟାପ୍ତ ଏହି କେନାଲର ପାଖାପାଖି ୨୦ ଏକର ଜମି ଏହି ରାସ୍ତା ନିର୍ମାଣ ପାଇଁ ଜବରଦଖଲ କରାଯାଇଛି। ଯଦ୍ୱାରା କେନାଲ ଉପରେ ନିର୍ଭର କରୁଥିବା ୧୨ଟି ଆଖପାଖ ଗ୍ରାମର ଚାଷୀଙ୍କ ଚାଷଜମିକୁ ଜଳସେଚନରେ ସମସ୍ୟା ସୃଷ୍ଟି ହେବ। ଏହି ରାସ୍ତା ପାଇଁ କାଣ୍ଡସରା ମୌଜାର ଜଙ୍ଗଲ ଜମିରୁ ୨୦୦ରୁ ଊର୍ଦ୍ଧ୍ୱ ଗଛକୁ ଜଙ୍ଗଲ ବିଭାଗ ବିନା ଅନୁମତିରେ କାଟି ସେଠାରେ ରାସ୍ତା ନିର୍ମାଣ ହେଉଛି। ଠିକାଦାରଙ୍କୁ ଅନୁକମ୍ପା ଦେଖାଇବାକୁ ଯାଇ ବିଭାଗୀୟ ଅଧିକାରୀ ସବୁ ଆଇନକୁ ଭୁଲିଯାଇଛନ୍ତି। ମୋଟ ୬ କିମି ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ଆକଳନ କରାଯାଇଥିବାବେଳେ ଠିକାଦାର ୪ କିମି ରାସ୍ତା ନିର୍ମାଣ କରୁଥିବା ଜଣାପଡ଼ିଛି। ଅଭିଯୋଗ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଘଟଣାର ତଦନ୍ତ କରିବାକୁ ପହଞ୍ଚିଥିବାବେଳେ ଠିକାଦାରଙ୍କ ପ୍ରରେଚନାରେ କିଛି ସ୍ଥାନୀୟ ଲୋକ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ତଦନ୍ତକାରୀ ଅଧିକାରୀ ମଧ୍ୟ ବିଭାଗର ତ୍ରୁଟି ଲୁଚାଇବା ପାଇଁ ଠିକାଦାରକୁ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକେ ଆପତ୍ତି କରିଥିଲେ। ଅଭିଯୋଗକାରୀ ଏହି ତଦନ୍ତ ପ୍ରକ୍ରିୟାରେ ଖୁସି ନ ଥିବା ଦର୍ଶାଇବା ସହିତ ଏହାର ପ୍ରତିବାଦରେ ଆଗାମୀ ଦିନରେ ଏନଜିଟି ଓ ଲୋକାୟୁକ୍ତରେ ଅଭିଯୋଗ କରାଯିବା ନେଇ ସୂଚନା ଦେଇଛନ୍ତି।

## ଅସୁରକ୍ଷିତ ଅବସ୍ଥାରେ ଭାରତମାତାଙ୍କ ପ୍ରତିମୂର୍ତ୍ତି



**ପ୍ରୀତିପୁର, ୧୫।୨(ସମିସ):** ଝିଂଝାରପୁର ଓ ବରୀ ବ୍ଲକର ସୀମାବର୍ତ୍ତୀ ଶ୍ୟାମେଶ୍ୱର ପୀଠରେ ଅବସ୍ଥିତ ଭାରତମାତାଙ୍କ ପ୍ରତିମୂର୍ତ୍ତି ଏକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ୩ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା। ତାହା ଏବେ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି। ସେଠାରେ ଇଂରେଜ ଶାସନକାଳରୁ ଥିବା କୋଠିଡିହର ସ୍ମୃତିକୁ ବିଲୋପ କରାଯାଇ ଜାତୀୟତା ଭାବ ସୃଷ୍ଟି ନିମନ୍ତେ ଏହି ଭାରତମାତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା।

ଦକ୍ଷିଣ ଯାଜପୁର ଅଞ୍ଚଳରୁ ଜଳକର ଆଦାୟ ନିମନ୍ତେ ଇଂରେଜ ସରକାର ଏଠାରେ ଏକ ଘୋଡ଼ା ଶାଳ ଓ ଏକ କର ଆଦାୟ କାର୍ଯ୍ୟାଳୟ କରିଥିଲେ। ଏଠାରେ ଗୋରା ସାହେବ ରହିବା ସହିତ ଜଳକର ଆଦାୟ ନାମରେ ଲୋକଙ୍କୁ ବହୁ ଉତ୍ପୀଡ଼ନ ଦେଉଥିଲେ। ସେହିଭଳି ଏକ କଳା ଇତିହାସକୁ ଏଠାରୁ ଲୋପ କରାଯାଇ ଏ ଅଞ୍ଚଳର ସଚେତନ ନାଗରିକ ସ୍ୱାଧୀନତାର ୭୪ ବର୍ଷ ପରେ ଏଠାରେ ଭାରତମାତା ପ୍ରତିମୂର୍ତ୍ତି ସ୍ଥାପନ କରି ସାଧାରଣତନ୍ତ୍ର ଦିବସରେ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏବେ ପ୍ରତିବର୍ଷ ଏଠାରେ ପତାକା ଉତ୍ତୋଳନ ହୋଇଆସୁଛି। କିନ୍ତୁ ପ୍ରତିମୂର୍ତ୍ତି ଖୋଲାପଡ଼ିଥିବାରୁ ଉପରେ ଏକ ଛାତ ନିର୍ମାଣ ପାଇଁ ଦାବି କରାଯାଇଥିଲେ ହେଁ କେହି ଏଥିପ୍ରତି ଦୃଷ୍ଟି ନ ଦେବାରୁ ବରିଷ୍ଠ ନାଗରିକଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି ହୋଇଛି। ନବନିର୍ବାଚିତ ସାଂସଦ ଏଥିପ୍ରତି ଦୃଷ୍ଟି ଦେବାକୁ ଶ୍ୟାମେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏହାବ୍ୟତୀତ ବହୁ କାଳରୁ ଅବସ୍ଥିତ ଓ ମାଳିକା ବର୍ଣ୍ଣିତ ଶ୍ୟାମେଶ୍ୱର ପୀଠରେ ଉନ୍ନତି ନିମନ୍ତେ ସରକାରଙ୍କ ପକ୍ଷରୁ ଏଯାବତ କୌଣସି ପଦକ୍ଷେପ ନିଆଯାଇ ନ ଥିଲେ ହେଁ ଅଞ୍ଚଳବାସୀଙ୍କ ପକ୍ଷରୁ ବିବିଧ ଉନ୍ନୟନ କାର୍ଯ୍ୟ କରାଯାଇ ସାରିଲାଣି। ଏଠାରେ ମଣ୍ଡପ ନିର୍ମାଣ ନିମନ୍ତେ ବରୀ ବିଧାୟିକା ଦେଇଥିବା ୧୦ ଲକ୍ଷ ଟଙ୍କା ସମ୍ପୂର୍ଣ୍ଣ ଖର୍ଚ୍ଚ ନ ହୋଇ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ନିମନ୍ତେ ଅଖିଳଚକ୍ର ଓ ଶ୍ୟାମେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏହି ପୀଠକୁ ଦକ୍ଷିଣ ଯାଜପୁରର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଜୋରସୋର ଉଦ୍ୟମ କରାଯାଉଥିବାବେଳେ ରାଜନୈତିକ ଅବହେଳା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି।

## ଜିଆ ଖତ ପ୍ରସ୍ତୁତି କର୍ମଶାଳା



**ବରୀ, ୧୫।୨(ସମିସ):** ଶନିବାର ରାମପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ (ଭର୍ମି କମ୍ପୋଷ୍ଟିଂ) ଜିଆ ଖତ ପ୍ରସ୍ତୁତି, ଏହାର ପ୍ରୟୋଗ ଓ ଉପକାରିତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବରୀ ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ସିଇଏସ ଭୁବନେଶ୍ୱରର ଯୋଜନା ସହାୟକ ଭରତ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଓ ଶୁଭ୍ରାଂଶୁ ଶେଖର ସାମଲ, ଡକ୍ଟର ନୃସିଂହ ଚରଣ ବେହେରା, ମୁଖ୍ୟ ପ୍ରଶିକ୍ଷକ ଜ୍ୟୋତିକାନ୍ତ ମହାପାତ୍ର, ଏମସି ସଭାପତି ନକୁଳ ଚନ୍ଦ୍ର ଦାସ, ପିକେ ହାଇସ୍କୁଲର ପ୍ରଧାନଶିକ୍ଷକ ଅଶୋକ କୁମାର ଦାସ, କେଦାର ଚନ୍ଦ୍ର ସାମଲ, ସତ୍ୟରଞ୍ଜନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ମତ ପ୍ରଦାନ କରିଥିଲେ।

ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା ସଭାପତିତ୍ୱ କରିଥିବାବେଳେ କର୍ମଶାଳାରେ ୫୧ ଜଣ ଯୁବକ/ଯୁବତୀ, ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଶିକ୍ଷକ, ଶିକ୍ଷୟିତ୍ରୀ, କୃଷକ ଯୋଗଦେଇଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଜିଆ ଖତ ପ୍ରସ୍ତୁତି ବିଷୟରେ ପ୍ରଶିକ୍ଷଣ ଦିଆଯିବା ସହିତ ସମସ୍ତଙ୍କୁ ଜିଆ ଖତ ପ୍ରସ୍ତୁତ କୁଣ୍ଡ ପ୍ରଦାନ କରାଯାଇଥିଲା। ପଞ୍ଚାୟତ ଉଚ୍ଚବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିବା ସହିତ ସହଯୋଗ କରିଥିଲେ।

## ମାଳତୀ ପଣ୍ଡା ସ୍ମୃତି ପ୍ରତିଭା ପୁରସ୍କାର ପ୍ରଦାନ ଉତ୍ସବ



**ଯାଜପୁର ଟାଉନ, ୧୫।୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ବାଲିଗଣ୍ଡ-କୁଆଁରପୁରର ପଣ୍ଡିତ ବଂଶୀଧର ପଣ୍ଡାଙ୍କ ପ୍ରତିଷ୍ଠିତ ମାତୃପ୍ରଣାମ ପାର୍ଣ୍ଣି ଆନୁକୂଲ୍ୟରେ ସଂସ୍କୃତିପ୍ରେମୀ ମହିଳା ମାଳତୀ ପଣ୍ଡାଙ୍କ ସ୍ମୃତିରେ ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଷୟରେ ଆଲୋଚନାଚକ୍ର କରାଯିବା ପରେ ସେମାନଙ୍କ ଜ୍ଞାନ ପରୀକ୍ଷା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

ଯାଜପୁର ସହରର ନରଣପୁରସ୍ଥ ‘ସବୁଜ ସ୍ୱପ୍ନ’ ପ୍ରକାଶନୀ ଓ ‘ବିଦ୍ୟା ବିହାର’ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଉକ୍ତ ଆଲୋଚନାଚକ୍ର, ଜ୍ଞାନ ପରୀକ୍ଷା ଓ ପୁରସ୍କାର ବିତରଣ ଉତ୍ସବ ଆଜି ଅପରାହ୍ନରେ ଗରିଆପୁର ୟୁଜିୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ନାୟକ ସଭାପତି, ବିଶିଷ୍ଟ ଆଇନଜୀବୀ ଶୁଭ୍ରାଂଶୁ ଶେଖର ରାୟ ମୁଖ୍ୟଅତିଥି, ଅବସପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଗୀତିକାର ସୁରେଶ ଚନ୍ଦ୍ର ପତି ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ସୂର୍ଯ୍ୟନାରାୟଣ ଶତପଥୀ ବିଶିଷ୍ଟ ଅତିଥି ଓ ଶିକ୍ଷକ ଆର୍ତ୍ତତ୍ରାଣ ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇ ମାଳତୀ ପଣ୍ଡାଙ୍କ ଜୀବନାଦର୍ଶ ବିଷୟରେ ଆଲୋକପାତ କରିବା ସହ ସଂକଟରେ ଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ତଥା ପ୍ରଚାରପ୍ରସାର ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସବୁଜ ସ୍ୱପ୍ନ ଓ ବିଦ୍ୟା ବିହାରର ପ୍ରତିଷ୍ଠାତା ଶିକ୍ଷାବିତ୍ ଡଃ ଅକ୍ଷୟ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯାଜପୁର ଜିଲ୍ଲା ସ୍କୁଲ ଓ ଗରିଆପୁର ୟୁଜିୟୁପି ସ୍କୁଲର କୃତୀ ପ୍ରତିଯୋଗୀ ସିଦ୍ଧାର୍ଥ ସାହୁ, ଅବନ୍ତିକା ବେହେରା, ପ୍ରଣୟ ମହାପାତ୍ର, ଭାନୁପ୍ରକାଶ ସାହୁ, କୁଶଳେଶ୍ୱର ବେହେରା, ସମୀକ୍ଷା ଦାସ, ସତୀଶ ପ୍ରିୟଦର୍ଶୀ ସାହୁ ପ୍ରମୁଖ ୧୩ ଜଣ ଛାତ୍ରଛାତ୍ରୀଙ୍କୁ ୨୦୨୩ ଓ ୨୦୨୪ ବର୍ଷର ମାଳତୀ ପଣ୍ଡା ସ୍ମୃତି ପ୍ରତିଭା ପୁରସ୍କାର ସ୍ୱରୂପ ଓଡ଼ିଆ ସାହିତ୍ୟ ସମ୍ବନ୍ଧୀୟ ପୁସ୍ତକ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ସଫିଉର ରହେମାନ୍ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସୁମିତ୍ରା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ହରିହାଟରେ ଅଷ୍ଟପ୍ରହର ନାମଯଜ୍ଞ

**ଦଶରଥପୁର, ୧୫।୨(ସମିସ):** ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତ ଆନ୍ଦୋଳା ପାଟଣାସାହି ହରିହାଟରେ ଅଷ୍ଟପ୍ରହର ନାମଯଜ୍ଞ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ସୂର୍ଯ୍ୟପୂଜା, କଳସ ସ୍ଥାପନ, ଗୌରାଙ୍ଗ ପ୍ରଭୁଙ୍କ ଗାଦି ପୂଜା ପରେ ରୀତିନୀତି ଅନୁସାରେ ନାମ ସଂକୀର୍ତ୍ତନର ଶୁଭାରମ୍ଭ ହୋଇଥିଲା। ଚଳିତବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର, ରାମେଶ୍ୱର ମନ୍ଦିର, ହନୁମାନଜୀଉଙ୍କ ମନ୍ଦିର, ମା’ ତାରିଣୀ ପୀଠ ନାମଯଜ୍ଞ ଚତୁପାର୍ଶ୍ୱକୁ ପବିତ୍ରତାରେ ଦ୍ୱିଗୁଣିତ କରିଥିଲା। ନାମଯଜ୍ଞକୁ ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗଦେବା ସହିତ ସମାଜସେବୀ, ରାଜନେତା ଯୋଗଦେଇଥିଲେ। ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବ୍ଲକ ଚେୟାର୍‌ମାନ ଆଦିକନ୍ଦ ସନ୍ଧିବିଗ୍ରହ, ସ୍ଥାନୀୟ ସରପଞ୍ଚ ଭାରତୀ ନାୟକ ଓ ବହୁ ବିଶିଷ୍ଟ ବ୍ୟକ୍ତି ନାମ ସଂକୀର୍ତ୍ତନରେ ଯୋଗଦେଇ ପ୍ରଭୁଙ୍କ ଆଶିଷ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଦର୍ଶନ ମହାଳିକ, ପ୍ରଭାତ ପରିଡ଼ା, ରବୀନ୍ଦ୍ର ରାଉତ, ଶତ୍ରୁଘ୍ନ ମହାଳିକ, ମଧୁସୂଦନ ମହାଳିକ, ବିଜୟ ମହାଳିକ, ସୁକଦେବ ବାରିକ, ହିମାଂଶୁ ବେହୁରିଆ, ରାଜା ମହାଳିକ, ରଞ୍ଜନ ଓଝା, ବ୍ରଜକିଶୋର ଦାସ, ଦେବେନ୍ଦ୍ର ବାରିକ, କାହ୍ନୁଚରଣ ମହାଳିକ, ମନୁ ମହାଳିକ, ସୁବ୍ରତ ପରିଡ଼ା, ଚିତ୍ତରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ।



## ୨୩ରେ ଜୟ ଜଗନ୍ନାଥ ସଂକୀର୍ତ୍ତନ କଳା ପରିଷଦର ସମ୍ମିଳନୀ

**ବରୀ, ୧୫।୨(ସମିସ):** ଚଳିତ ମାସ ୨୩ ତାରିଖ ରବିବାର ଦିନ ବରୀ ବ୍ଲକ ଅନ୍ତର୍ଗତ କୃଷ୍ଣନଗରସ୍ଥ ପ୍ରସିଦ୍ଧ ଅଷ୍ଟଶମ୍ଭୁ ମନ୍ଦିର ପ୍ରାଙ୍ଗଣରେ ଜୟ ଜଗନ୍ନାଥ ବ୍ଲକ ସଂକୀର୍ତ୍ତନ କଳା ପରିଷଦର ଅଷ୍ଟମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ କୁମାର ମହାନ୍ତି, କଳାମାଟିଆ ମଠ ମହନ୍ତ ଶ୍ୟାମସୁନ୍ଦର ଦାଶ, ଅନ୍ୟତମ ଅତିଥି ଭାବେ ନାଉପାଳ ମଠ ମହନ୍ତ ପରାଶର ଦାଶମହାରାଜ ଓ ପ୍ରବଚକ ପଣ୍ଡିତ ରତିକାନ୍ତ ତ୍ରିପାଠୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ବରୀ ବ୍ଲକର ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବାକୁ ପରିଷଦ ପକ୍ଷରୁ ନିବେଦନ କରାଯାଇଛି।

### ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କମିତ୍ରଙ୍କ ବୈଠକ

# ଗୌତମଙ୍କ ଯୋଗଦାନକୁ ନେଇ ବିବାଦ

ଦଶରଥପୁର, ୧୫।୨ (ସମିସ)



ପୂର୍ବ ସରକାର ସମୟରେ ଓଡ଼ିଶା ଜୀବିକା ମିଶନ ଅଧୀନରେ କାର୍ଯ୍ୟରତ ଏମବିକେ, ସିଆରପି ବିଜେଡି ସରକାର ପାଇଁ କାମ କରୁଥିବା ଅଭିଯୋଗ କରୁଥିଲା ଭାରତୀୟ ଜନତା ପାର୍ଟି। ଏପରିକି ସେମାନଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଭଳି ସଙ୍ଗୀନ ଅଭିଯୋଗ ଆଣି ତୁମ୍ବିତୋଫାନ କରୁଥିଲା ବିଜେପି। କିନ୍ତୁ ସରକାରକୁ ଆସିବାର କିଛି ମାସ ଭିତରେ ବିଜେପିର ଅସଲ ଚେହେରା ଏବେ ସାମ୍ନାକୁ ଆସିଛି। ଯେଉଁ ସରକାରୀ କର୍ମଚାରୀଙ୍କୁ ରାଜନେତାଙ୍କଠାରୁ ଅଛୁଆଁ ହୋଇ ଚଳିବା ପାଇଁ ପରାମର୍ଶ ଦେଉଥିଲା ବିଜେପି। ସେହି ବିଜେପି ନେତା ଏମବିକେ ଓ ସିଆରପି କର୍ମଚାରୀଙ୍କ ସହ ସାମିଲ ହୋଇ ବଡ଼ ବଡ଼ ଭାଷଣ ମାରୁଥିବା ଘଟଣା ସାମ୍ନାକୁ ଆସିଛି।

ପୂର୍ବ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରି କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ପଞ୍ଚାୟତସ୍ତରୀୟ ସଂଘରେ ନିଯୁକ୍ତି ଦେଇଥିଲେ। ସପୋର୍ଟ ଷ୍ଟାଫ୍‌ଙ୍କ ମଧ୍ୟରେ ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ର ଓ ପ୍ରାଣୀ ମିତ୍ର ଅନ୍ତର୍ଭୁକ୍ତ ଅଟନ୍ତି। ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପାରିଶ୍ରମିକ ଅର୍ଥ ପ୍ରଦାନ କରାଯାଉଥିବାବେଳେ ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫ୍ କୌଣସି ରାଜନୈତିକ ଦଳରେ ସମ୍ପୃକ୍ତ ନ ହୋଇ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟରେ କାର୍ଯ୍ୟ କରିବାକୁ ବିଧିବ୍ୟବସ୍ଥା ରହିଛି। ମାତ୍ର ଦଶରଥପୁର ବ୍ଲକ ଜୀବିକା ମିଶନ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଗହଣରେ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ ଉପସ୍ଥିତ ରହିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଶନିବାର ଦଶରଥପୁର ବ୍ଲକ ଡାହାଣହଟା ପଞ୍ଚାୟତସ୍ଥ କୁଆଁସ ମଙ୍ଗଳା ପରିସରରେ ବିଜେପି ଦଳ ପକ୍ଷରୁ ଆୟୋଜିତ ଭୋଜି ଓ ସଭାରେ ବ୍ଲକ ଅନ୍ତର୍ଗତ ୩୫ଟି ପଞ୍ଚାୟତରେ କାର୍ଯ୍ୟ କରୁଥିବା ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କ ମିତ୍ର ଓ ପ୍ରାଣୀ ମିତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ଯୋଗଦେଇ ବିଜେପିର ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ସମୟରେ ବିଜେପିର ମଙ୍ଗଳପୁର ମଣ୍ଡଳ ସଭାପତି ପତିତପାବନ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଗୌତମ ନିକଟରେ ବିଧାୟକ ପ୍ରାର୍ଥୀ ଭାବେ ସୁଜାତା ସାହୁଙ୍କଠାରୁ ପରାସ୍ତ ହୋଇଛନ୍ତି। ସେ କୌଣସି ସାମ୍ବିଧାନିକ ପଦବୀରେ ନ ଥାଇ କିଭଳି ଏହି ସରକାରୀ କର୍ମଚାରୀଙ୍କ ବୈଠକରେ ଯୋଗ ଦେଲେ ବୋଲି ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରାଯାଇଛି। ଗତ ୮ ତାରିଖ ଦିନ ଯାଜପୁର ଜିଲ୍ଲା ମହୋତ୍ସବରେ ଗୌତମଙ୍କ ଯୋଗଦେବାକୁ ନେଇ ମଧ୍ୟ ବିବାଦ ଦେଖାଦେଇଥିଲା। ସାଧାରଣ ଲୋକଙ୍କ ଆସ୍ଥା ହରାଇବା ପରେ ମଧ୍ୟ ନିଜର ପରିଚୟ ଓ ପତିଆରା ସୃଷ୍ଟି କରିବାକୁ ଯାଇ ସେ ଏଭଳି ବାରମ୍ବାର ଭୁଲ କରିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି।



## ବନ୍ଧକ ଓ ଶିଶୁ ଶ୍ରମିକ ଆଇନ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

# ଜିଲ୍ଲାରେ କଡ଼ାକଡ଼ି ହେବ ଶିଶୁ ଓ କିଶୋର ଶ୍ରମ ଆଇନ

ଯାଜପୁର, ୧୫ ।୨(ସମିସ)



ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ) ପକ୍ଷରୁ ବନ୍ଧକ ଶ୍ରମିକ ଓ ଶିଶୁ ଶ୍ରମିକ ଆଇନ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନଗତ ବ୍ୟବସ୍ଥା, ପ୍ରବର୍ତ୍ତନ ରଣନୀତି ଓ ବହୁ-ଅଂଶୀଦାର ସମନ୍ୱୟ ଉପରେ ଆଲୋଚନାରେ ପ୍ରମୁଖ ଅଂଶୀଦାରଙ୍କୁ ସାମିଲ କରି ଶିଶୁ ସୁରକ୍ଷା ଆଇନର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ ସହିତ ବନ୍ଧକ ଶ୍ରମ ମୁକ୍ତ ପାଇଁ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି। ବନ୍ଧକ ଶ୍ରମିକ ଓ ଶିଶୁ ଶ୍ରମିକ ହଟାଇବା ଆମର ସାମୂହିକ ଦାୟିତ୍ୱ। ଆମକୁ ମାର୍ଗଦର୍ଶନ କରିବା ପାଇଁ ଏସଓପି ଓ ନିର୍ଦ୍ଦେଶାବଳୀ ରହିଛି। ପୀଡ଼ିତଙ୍କ ସଶକ୍ତୀକରଣକୁ ପ୍ରାଥମିକତା ଦେଇ ସମନ୍ୱୟ ଓ ସହଯୋଗରେ କାମ କରିବାକୁ ହେବ। ଆମର ପ୍ରୟାସ ସଫଳ ହେବ ବୋଲି ଶ୍ରୀ ଜେନା କହିଛନ୍ତି।

ଏ ଅବସରରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ୧୯୮୬, ବନ୍ଧକ ଶ୍ରମିକ ବ୍ୟବସ୍ଥା (ଉଚ୍ଛେଦ) ଆଇନ ୧୯୭୬, ଅନୈତିକ ଚାଲାଣ (ନିରୋଧ) ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର ସାହୁ ଯୋଗଦେଇ ଶ୍ରମ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ବିଭିନ୍ନ ସଂସ୍ଥାରେ ଚଢ଼ଉ ଜାରି ରହିବ ଓ ଜିଲ୍ଲା ଟାସ୍କଫୋର୍ସ ବୈଠକ ନିୟମିତ ବ୍ୟବଧାନରେ ବସିବ ବୋଲି କହିଥିଲେ। ଏଥିପାଇଁ ଶିଶୁ ଶ୍ରମିକ ଚିହ୍ନଟିକରଣ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ ନିଆଯିବ। ଆନ୍ତର୍ଜାତିକ ନ୍ୟାୟ ମିଶନ, ରୁଚିକା ସମାଜସେବା ଅନୁଷ୍ଠାନ ଓ ଟାଟା ଷ୍ଟିଲ ଫାଉଣ୍ଡେସନ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗର ଆବଶ୍ୟକତା ରହିଛି। ଅନ୍ୟ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋ ଯୋଗଦେଇ ଶିଶୁ ଉଦ୍ଧାର କ୍ଷେତ୍ରରେ ପୁଲିସର ସମସ୍ତ ସହଯୋଗ ରହିବ ବୋଲି କହିଥିଲେ। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ରେକ୍ସୋନା ଜେନା, ସଦସ୍ୟ ଜୟନ୍ତ ଗୋସ୍ୱାମୀ, ତୃପ୍ତି ଜେନା, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ମଧୁମିତା ପୃଷ୍ଟି, ସମାଜ କଲ୍ୟାଣ ଅଧିକାରୀ ସରୋଜିନୀ ଦାସ ଓ ସ୍ୱେଚ୍ଛାସେବୀ ମଣ୍ଟୁ ଦାସ ପ୍ରମୁଖ ଯୋଗଦେଇ ନିଜ ନିଜ ମତ ରଖିଥିଲେ।

ପ୍ରଥମ ବୈଷୟିକ ଅଧିବେଶନକୁ କଟକ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି ପରିଚାଳନା କରି ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ୧୯୮୬ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଶିଶୁ ଶ୍ରମିକଙ୍କ ଆଇନଗତ ପରିଣାମ ଓ ଶିଶୁଙ୍କୁ ଶୋଷଣରୁ ରକ୍ଷା କରିବାରେ ଆଇନ ପ୍ରଣୟନକାରୀ ସଂସ୍ଥା ଓ ସମାଜର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆନ୍ତର୍ଜାତିକ ନ୍ୟାୟ ମିଶନ (ଆଇଜେଏମ)ର ଡିଭିଜନ ମୁଖ୍ୟ ଅମିତ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ବନ୍ଧକ ଶ୍ରମିକ ବ୍ୟବସ୍ଥା (ଉଚ୍ଛେଦ) ଆଇନ ୧୯୭୬ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ୨୦୧୭ରେ ସେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଏନଏଚଆରସି ଆଡଭାଇଜରୀ (୨.୦) ୨୦୨୧ ଓ ବନ୍ଧକ ଶ୍ରମିକଙ୍କ ଥଇଥାନ ପାଇଁ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ୨୦୨୧, ମଲ୍ଟି ଏଜେନ୍ସି ସମନ୍ୱୟ ଜରିଆରେ ବନ୍ଧା ଶ୍ରମିକ ମାମଲା ଚିହ୍ନଟ, ଉଦ୍ଧାର, ଥଇଥାନ ଓ ଅଭିଯାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କଟକ ସିଡବ୍ଲ୍ୟୁସି ଅଧ୍ୟକ୍ଷ ପ୍ରମୋଦ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ବହୁ ବିଭାଗୀୟ ସମନ୍ୱୟ ଓ ପ୍ରତିକ୍ରିୟା ବ୍ୟବସ୍ଥା ଉପରେ ଅଧିବେଶନରେ ଆନ୍ତଃବିଭାଗୀୟ ସମନ୍ୱୟ, ରିପୋର୍ଟିଂ ବ୍ୟବସ୍ଥା ଓ ସର୍ବୋତ୍ତମ ଅଭ୍ୟାସ ଉପରେ ଆଲୋକପାତ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଆୟୋଜିତ ଏହି ପ୍ରଶିକ୍ଷଣରେ ପ୍ରଶ୍ନୋତ୍ତର ଅଧିବେଶନ ମାଧ୍ୟମରେ ଏହି ଓରିଏଣ୍ଟେସନ ଶେଷ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ, ପୁଲିସ, ମହିଳା ପରିଦର୍ଶିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପାରା ଲିଗାଲ ସ୍ୱେଚ୍ଛାସେବୀ, ଟାଟା ଷ୍ଟିଲ ଫାଉଣ୍ଡେସନର କର୍ମକର୍ତ୍ତା ଯୋଗଦେଇଥିଲେ।

## ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି



**ବ୍ରହ୍ମବରଦା, ୧୫ ।୨(ସମିସ):** ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଇସଲାମନଗରସ୍ଥ ମେୱା ଅଫିସ୍‌ଠାରେ ଆୟୋଜକ ରୁହାନି ରୁହାନି ସ୍ପୋର୍ଟ୍ସ କ୍ଲବ୍ ସଭାପତି ସେକ କମରୁଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟ ବ୍ରହ୍ମବରଦା ବ୍ୟାଙ୍କ୍ ଛକ ମୁସାଇରା ପଡ଼ିଆରେ ଆସନ୍ତା ୨୨ ତାରିଖ ଶନିବାର ଅପରାହ୍ନ ୩ ଘଟିକାରୁ ଆରମ୍ଭ ହୋଇ ରାତି ୧୧ଟାରେ ସମାପ୍ତ ହେବ ବୋଲି କ୍ଲବ୍‌ର ସହସମ୍ପାଦକ ସେ÷ଫ୍ ଅଲ୍ଲୀ ଖାଁ ସୂଚନା ଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରୁ ଇସଲାମିଆ କ୍ଲବ୍, ପଶ୍ଚିମବଙ୍ଗରୁ କୋଲକାତା ପୁଲିସ, ହରିୟାଣାରୁ ହରିୟାଣା ସ୍ୱାଏକର୍ସ ଓ କର୍ଣ୍ଣାଟକରୁ ବାଙ୍ଗାଲୋର ସ୍ପୋର୍ଟ୍ସ କ୍ଲବ୍ ଭାଗ ନେବେ। ଏହି ଭଲିବଲ ପ୍ରତିଯୋଗିତା କିପରି ସଫଳ ଓ ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହେବ, ସେ ନେଇ ସ୍ଥାନୀୟ ପୁଲିସ ପ୍ରଶାସନର ସହାୟତା ଲୋଡ଼ାଯାଇଛି। ଦର୍ଶକ କିପରି ଭଲ ଭାବେ ଖେଳ ଦେଖିପାରିବେ, ସେଥିପ୍ରତି ବୈଠକରେ ଉପସଭାପତି ଅନୱର ଖାଁ, ରାକେଶ ଦେଓ, ପ୍ରଦୀପ ଦାସ, ସେକ ଜାଇରୁଲ, ଅମୀୟ ପରିଡ଼ାଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ଆଲୋଚନା କରିଥିଲେ। ଏହି ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବେ ଯାଜପୁର ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ବରି ବିଜେପି ନେତା ଉମେଶ ଜେନା ଯୋଗ ଦେବା ନେଇ କ୍ଲବ୍ ସମ୍ପାଦକ ଜୁଲଫିକର ଅଲ୍ଲୀ ଖାଁ ସୂଚନା ଦେଇଛନ୍ତି।

## ଧର୍ମପ୍ରାଣା ମହିଳାଙ୍କ ବିୟୋଗରେ ଶୋକ

**ଧର୍ମଶାଳା, ୧୫।୨(ସମିସ):** ଧର୍ମଶାଳା ବ୍ଲକ କୁମାରୀ ଗ୍ରାମର ଧର୍ମପ୍ରାଣା ମହିଳା ପ୍ରେମଲତା ଜେନାଙ୍କ ବିୟୋଗରେ କୁମାରୀ ପଞ୍ଚାୟତ ଶୈଳଶ୍ରୀ ବିହାରସ୍ଥ ଗଣେଶ ମଣ୍ଡପରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମୁଗୁପାଳ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହି କମିଟିର ପୂର୍ବତନ ସଭାପତି ଇଂ ହରିହର ସାହୁ, ଆବାହକ ସୁନାକର ସାହୁ, ଅମର ମହାନ୍ତି, ଶିକ୍ଷାବିତ ବ୍ରଜବନ୍ଧୁ ଶତପଥୀ, ବ୍ରଜକିଶୋର ଦାଶ, ହୃଷିକେଶ ସାମଲ, ନେହା ଶତପଥୀ, ଇଂ ବେଣୁଧର ଦାସ, ଗୋପିନାଥ ଗିରି, ଭରତ ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଜେନା ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପ୍ରାଣା ମହିଳା ଥିଲେ ବୋଲି ମତବ୍ୟକ୍ତ କରିଥିଲେ।

## ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପୋରୀ ଉଦ୍‌ଘାଟିତ




**ଯାଜପୁର, ୧୫ ।୨(ସମିସ):** ଯାଜପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପୋରୀ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଭାରତ ସ୍କାଉଟ୍ ଗାଇଡର ମୁଖ୍ୟ କମିଶନର ତଥା ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସଭାପତିତ୍ୱ କରିଥିଲେ। ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ ସମ୍ପାଦକ ଶମ୍ଭୁନାଥ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ଜିଲ୍ଲା ଗାଇଡ କମିଶନର ତଥା ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀମତୀ ସ୍ମୃତିରେଖା ନାୟକ, ଜିଲ୍ଲା କମିଶନର ତଥା ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଆଲୋକ ବନ୍ଧ, ଜିଲ୍ଲା କମିଶନର ରବି ପ୍ରସାଦ ସାମଲ, ଜିଲ୍ଲା ମୁଖ୍ୟାଳୟ କମିଶନର ବିଶ୍ୱମ୍ବର ମିଶ୍ର, ମିହିର ରଞ୍ଜନ ନାୟକ ଯୋଗ ଦେଇଥିଲେ। ଜହିରୁଦ୍ଦିନ ଖାଁ, ଉପେନ୍ଦ୍ର ବେହେରା, ଜିଲ୍ଲା ସଂଯୋଜକ ଅବିନାଶ ଖୁଣ୍ଟିଆ ଓ ନିରଞ୍ଜନ ଶତପଥୀ ସଭା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନଶିକ୍ଷକ, ୫୨ ଜଣ ସ୍କାଉଟ୍ ଓ ଗାଇଡ ମାଷ୍ଟର, ୬୫୨ ଜଣ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ସରକାରୀ ବାଳିକା ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍ ଚୋରି ଅଭିଯୋଗ

**ପାଣିକୋଇଲି, ୧୫ ।୨(ସମିସ):** ପାଣିକୋଇଲି ବାଳିକା ଉଚ୍ଚବିଦ୍ୟାଳୟ ନିକଟରେ ଏକ ବାଇକ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। ବିହାରର ମହମ୍ମଦ ସାଦିକ ପାଣିକୋଇଲି ଅଞ୍ଚଳରେ ଭଡ଼ା ନେଇ ରୁହନ୍ତି। ସେ ବାଇକକୁ ବିଦ୍ୟାଳୟ ନିକଟରେ ରଖି କିଛି ଦୂରରେ ଥିବା ଦୋକାନକୁ ଯାଇଥିଲେ। ସେଠାରୁ ଫେରି ବାଇକ୍ ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ଅପରାହ୍ନରେ ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ତ୍ରିଲୋଚନପୁର ଗ୍ରାମର ବିଶ୍ୱନାଥ ଦାସଙ୍କ ପୁଅ ତ୍ରିଦୀପ୍ତ ପାଣିକୋଇଲି ହାଇସ୍କୁଲ ସମ୍ମୁଖରେ ବାଇକ୍ ରଖି ନିକଟସ୍ଥ ଦୋକାନକୁ ଯାଇଥିବାବେଳେ ତାଙ୍କ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ରାତିରେ ଷଠିପୁରର ଅଲେଖ ବାରିକଙ୍କ ପୁଅ ନିମାଇଁ ତାଙ୍କ ବାଇକ୍‌କୁ ନିଜ ଘର ଆଗରେ ରଖିଥିଲେ। ଶନିବାର ସକାଳୁ ବାଇକ୍‌କୁ କେହି ଚୋରାଇ ନେଇଥିଲା। ଏଭଳି ପାଣିକୋଇଲି ଅଞ୍ଚଳରେ ବାଇକ୍ ଚୋରି ଜାରି ରହିଥିବାରୁ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

### କସ୍ତୁରୀବା ବାଳିକା ସ୍କୁଲ ବାଲ୍ୟ ବିବାହ ଘଟଣା

## ଜାତୀୟ ଶିଶୁ ଅଧିକାର କମିସନଙ୍କ ତଦନ୍ତ ନିର୍ଦ୍ଦେଶ

**ଯାଜପୁର, ୧୫ ।୨(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ସୁଜନପୁରସ୍ଥ କସ୍ତୁରୀବା ଆବାସିକ ବାଳିକା ବିଦ୍ୟାଳୟରେ ବାଲ୍ୟ ବିବାହ ଅଭିଯୋଗ ଘଟଣା ନେଇ ଜାତୀୟ ଶିଶୁ ଅଧିକାର କମିସନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣାର ତଦନ୍ତ କରି ଜିଲ୍ଲାପାଳ ସାତଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କମିସନ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, କସ୍ତୁରୀବା ଆବାସିକ ବିଦ୍ୟାଳୟରେ ଡ୍ରପଆଉଟ ଓ ବାଲ୍ୟବିବାହ ଭଳି ଅନେକ ଘଟଣାରେ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଥିଲେ। ମାତ୍ର ଶିକ୍ଷା ବିଭାଗ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଉପଯୁକ୍ତ ପଦକ୍ଷେପ ନେବାକୁ ଅକ୍ଷମ ହେବା ଫଳରେ ଅନେକ ବାଳିକା ଦୀର୍ଘଦିନ ଧରି ଅନୁପସ୍ଥିତ ରହିଥିଲେ। ସେଥିମଧ୍ୟରୁ ତିନିଜଣ ବାଳିକା ବାଲ୍ୟ ବିବାହକୁ ଆପଣାଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ବାଳିକା ୧୪ ବର୍ଷ ମଧ୍ୟରେ ମାତୃତ୍ୱ ଲାଭ କରିଥିଲେ। ଫଳରେ ବାଳିକାଙ୍କ ସାମାଜିକ ଓ ଅର୍ଥନୈତିକ ସଙ୍କଟ ଦେଖାଯାଇଥିଲା। ଏହି ବାଳିକାମାନେ ସରକାରୀ ଯୋଜନା ଖାଦ୍ୟ ଅଧିକାରରୁ ବଞ୍ଚିତ ହୋଇଥିଲେ। ଏହି ବାଳିକାଙ୍କ ପାଖରେ ସମାଜସେବୀ ପହଞ୍ଚି ସେମାନଙ୍କ ତଥ୍ୟ ସଂଗ୍ରହ କରିଥିଲେ। ଫଳରେ ଜିଲ୍ଲା ପ୍ରଶାସନଙ୍କୁ ଏ ବିଷୟରେ ଅବଗତ କରାଯାଇ ଶିଶୁମାନଙ୍କ ଉତ୍ତମ ଭବିଷ୍ୟତ ପାଇଁ ନିବେଦନ କରାଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ସମାଜସେବୀ ଶ୍ରୀ ଦାସ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ଯାହାଫଳରେ ଆୟୋଗଙ୍କ ନିର୍ଦ୍ଦେଶ ପତ୍ରରେ ଜିଲ୍ଲାପାଳ ସାତଦିନ ମଧ୍ୟରେ ଉପଯୁକ୍ତ ତଦନ୍ତ ଓ ତୁରନ୍ତ ପଦକ୍ଷେପ ଗ୍ରହଣ କରି ପ୍ରତିଉତ୍ତର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ



**ଧର୍ମଶାଳା, ୧୫ ।୨(ସମିସ):** ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ଜାରକାସ୍ଥ ସନସାଇନ ପ୍ଲେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ସଭାପତି କାହ୍ନୁଚରଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପଣ୍ଡିତ ତଥା ପ୍ରବଚକ କାମଦେବ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ବ୍ରହ୍ମବରଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ଡକ୍ଟର ମହେଶ୍ୱର ପାଢ଼ୀ ସମ୍ମାନିତ ଅତିଥି ଓ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ସମ୍ବାଦପତ୍ର 'ବିରଜା ଭୂମି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପତ୍ରିକା ସମ୍ପର୍କରେ ଗୋଲକ ଚନ୍ଦ୍ର ପଲେଇ ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ସାମ୍ବାଦିକା ପ୍ରେମଲତା ଜେନାଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ବିଜୟ ଦେବତା ସ୍ୱାଗତ ଭାଷଣ ଦେଇଥିଲେ। ଡକ୍ଟର ନିରଞ୍ଜନ ସାହୁ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। କବି ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

## ନାନପୁର ଗ୍ରାମ୍ୟ ମହୋତ୍ସବ; ନୃତ୍ୟଗୀତରେ ଝୁମିଲେ ଦର୍ଶକ



**ବାଲିଚନ୍ଦ୍ରପୁର, ୧୫।୨(ସମିସ):** ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଚିତ୍ରଶିଳ୍ପୀ ଓ ଲେଖକ ଡଃ ପ୍ରଫୁଲ୍ଲ ମହାନ୍ତିଙ୍କ ବାଲିଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନାନପୁର ବାସଭବନ ପରିସରରେ ଏକଦିବସୀୟ ନାନପୁର ଗ୍ରାମ୍ୟ ମହୋତ୍ସବ ଆୟୋଜିତ ହୋଇଯାଇଛି। ଡଃ ପ୍ରଫୁଲ୍ଲ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'ଦି କ୍ରିଏଟିଭ ହ୍ୟାଣ୍ଡସ ଆର୍ଟ ଗ୍ୟାଲେରୀ' ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଇଟାଲୀରୁ ଆସିଥିବା ପର୍ଯ୍ୟଟକ ଇଂ ଆଗୋବିନୋ, ଡଃ ସୂର୍ଯ୍ୟ ରଥ, ପ୍ରଖ୍ୟାତ ଗାୟିକା ସୁସ୍ମିତା ଦାସ, ଗୀତିକାର ଦେବଦାସ ଛୋଟରାୟ, ବୀଣା ଛୋଟରାୟ, ଚିତ୍ରଶିଳ୍ପୀ ରାମହରି ଜେନା, ପ୍ରଣବ ଅଖଣ୍ଡ, ନୂଆଦିଲ୍ଲୀରୁ ଆସିଥିବା ଡଃ ପିକେ ଦାସ, ବମ୍ବେରୁ ଏମ ଶଙ୍କର, ହାଇଦ୍ରାବାଦରୁ ଡଃ ଶ୍ରୀନିବାସ, ଗାୟତ୍ରୀ ଦାସ, ସାମ୍ବାଦିକ ଆଶିଷ ସେନାପତି, ସାମାଜିକ କର୍ମୀ ବିଳାସ ଚନ୍ଦ୍ର ବାରିକ, ପ୍ରକାଶ ଚନ୍ଦ୍ର ସାମଲ ଓ କଣ୍ଠଶିଳ୍ପୀ ଅଜୟ କୁମାର ଜେନା ପ୍ରମୁଖ ଗ୍ରାମ୍ୟ ମହୋତ୍ସବର ନୃତ୍ୟଗୀତରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଡଃ ମହାନ୍ତି ପ୍ରତି ଗ୍ରାମରେ ଏଭଳି ଗ୍ରାମ୍ୟ ମହୋତ୍ସବର ଆୟୋଜିତ ହେବା ଉପରେ ସେ ଗୁରୁତ୍ୱାରୋପ କରିବା ସହିତ ନାନପୁରସ୍ଥ ତାଙ୍କର ଏହି ବାସଭବନ ଓ ତାଙ୍କ ହସ୍ତ ନିର୍ମିତ ବହୁ ବିରଳ ଚିତ୍ରକଳାକୁ ସେ 'ଦି କ୍ରିଏଟିଭ ହ୍ୟାଣ୍ଡସ ଆର୍ଟ ଗ୍ୟାଲେରୀ'କୁ ଦାନ କରିଥିଲେ। ଏ ଅବସରରେ ଡଃ ମହାନ୍ତିଙ୍କ ଜୀବନୀ ଉପରେ ଲଣ୍ଡନରେ ନିର୍ମାଣ ହୋଇଥିବା 'ଶୂନ୍ୟ-ବିନ୍ଦୁ ପ୍ରଫୁଲ୍ଲ ମହାନ୍ତି' ନାମକ ଏକ ଚଳଚ୍ଚିତ୍ରକୁ ଆଜିର ଉତ୍ସବରେ ପ୍ରଦର୍ଶିତ କରାଯାଇଥିଲା। ଯାହାକୁ ଦେଖି ଆଗନ୍ତୁକ ଅତିଥି ଭାବପ୍ରବଣ ହୋଇଥିଲେ। ଶତାଧିକ କୁନି କୁନି ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିବାବେଳେ ଶତାଧିକ ମହିଳା ଝୋଟି ଓ ମୁରୁଜରେ ଚିତ୍ର ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ଡଃ ମହାନ୍ତିଙ୍କ ଲଣ୍ଡନ ବନ୍ଧୁ ଡଃ ଡେରିକ ମୋରଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତାଙ୍କ ବାସଭବନ ସମ୍ମୁଖରେ ପ୍ରତିଷ୍ଠା କରାଯାଇଥିବା ପ୍ରତିମୂର୍ତ୍ତିରେ ଡଃ ମହାନ୍ତି ଓ ଅନ୍ୟ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଦଶରଥପୁରରେ ପ୍ରତିଷ୍ଠା ହେବ ପ୍ରଥମ ଶ୍ରେଣୀ ଜୁଡିସିଆଲ୍ କୋର୍ଟ

## ଗୃହ ନିର୍ମାଣ ପାଇଁ ସ୍ଥାନ ପରିଦର୍ଶନ କଲେ ଜିଲ୍ଲା ମୁଖ୍ୟ ବିଚାରପତି

**ଦଶରଥପୁର, ୧୫।୨(ସମିସ):** ଦଶରଥପୁର ବ୍ଲକରେ ନୂତନ ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ (ଜେଏମ୍‌ଏଫ୍‌ସି) ପ୍ରତିଷ୍ଠା କରାଯିବ। କୋର୍ଟର ନୂତନ ଗୃହ ନିର୍ମାଣ ପାଇଁ ଦଶରଥପୁର ତହସିଲ ପକ୍ଷରୁ ଜମି ଚିହ୍ନଟ କାର୍ଯ୍ୟ ଶେଷ ହୋଇଥିବାବେଳେ ଜିଲ୍ଲା ମୁଖ୍ୟ ବିଚାରପତି ଅମୃତ ରଞ୍ଜନ ନନ୍ଦ ଶନିବାର ଚିହ୍ନଟ ଜମି ପରିଦର୍ଶନ କରିଛନ୍ତି।



ଦଶରଥପୁର ଭାରପ୍ରାପ୍ତ ତହସିଲଦାର ରଶ୍ମୀ ମଲ୍ଲିକଙ୍କ ନେତୃତ୍ୱରେ ତହସିଲର କର୍ମଚାରୀ ମୁଖ୍ୟ ବିଚାରପତି ଶ୍ରୀ ନନ୍ଦଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ମୁଖ୍ୟ ବିଚାରପତି ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ ତରାଙ୍ଗସାଗରପୁର ସନ୍ନିକଟ ଦକ୍ଷିଣ ଚଣ୍ଡୀ ପଡ଼ିଆ ନିକଟରେ ତହସିଲ ପକ୍ଷରୁ ଚିହ୍ନଟ ହୋଇଥିବା ୩ ଏକରରୁ ଅଧିକ ସରକାରୀ ଜମିକୁ ନିରୀକ୍ଷଣ କରିଥିଲେ ହେଁ ଉକ୍ତ ଚିହ୍ନଟ ଜମି ବିଭିନ୍ନ ଦୃଷ୍ଟିକୋଣରୁ ଜନସାଧାରଣଙ୍କ ପାଇଁ ଉପଯୋଗୀ ନ ଥିବା ମତବ୍ୟକ୍ତ କରିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ମୁଖ୍ୟ ବିଚାରପତିଙ୍କ ଅସହମତି ପରେ ତହସିଲ ପ୍ରଶାସନ ପକ୍ଷରୁ ତାଙ୍କୁ କୁଆଖିଆ-କର୍ୟାଁଗୋଲା ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ କାଟିଆ ଛକ ନିକଟସ୍ଥ ଦଶରଥପୁର ଅଗ୍ନିଶମ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ବିସ୍ତୀର୍ଣ୍ଣ ସରକାରୀ ଜମିରେ ନୂତନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟର ଗୃହ ନିର୍ମାଣ ପାଇଁ ତହସିଲ ପ୍ରଶାସନ ପକ୍ଷରୁ ପୁନଃ ଜମି ଚିହ୍ନଟ କରାଯାଇଥିବା ସୂଚନା ଦିଆଯାଇଛି।

## ବିରି ଓ ମୁଗ ବିହନ ପାଇଥିବା ଚାଷୀଙ୍କୁ ମିଳିନି ସାର

**ବିଞ୍ଝାରପୁର, ୧୫।୨(ସମିସ):** ବିଞ୍ଝାରପୁର ବ୍ଲକରେ ଗତବର୍ଷ ବିହନ ବଣ୍ଟନକୁ ନେଇ ତୁମ୍ବିତୋଫାନ ସୃଷ୍ଟି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସିଡ୍'କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଚଳିତ ବର୍ଷ ବିଞ୍ଝାରପୁର ବ୍ଲକର ୧୯ଟି ପଞ୍ଚାୟତରେ ବିହନ ବଣ୍ଟନ କରାଯାଇଥିବାବେଳେ ଦୁଇଟି ପଞ୍ଚାୟତ କଏଣା-ରଘୁନାଥପୁର ଓ ସିଂହପୁରରେ ଦିନେ ଦୁଇଦିନ ମଧ୍ୟରେ ବଣ୍ଟନ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ୧୯ଟି ପଞ୍ଚାୟତରେ ବିହନ, କୀଟନାଶକ ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ତେବେ ଡିଏପି ନାନୋ (ତରଳ) ଏପର୍ଯ୍ୟନ୍ତ ଆସିନାହିଁ। ଡିଏପି ନାନୋ ଆସିବା ପୂର୍ବରୁ ଚାଷୀଙ୍କୁ ମୁଗ, ବିରି, ରାଶି ବିହନ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଗଛ ବୃଦ୍ଧି ହେଲେ ସବୁ ପଞ୍ଚାୟତରେ ଡିଏପି ନାନୋ (ତରଳ) ପ୍ରଦାନ କରାଯିବ ବୋଲି ସିଡ୍ ସମ୍ପାଦକ ପ୍ରଦ୍ୟୁମ୍ନ ନାୟକ କହିଛନ୍ତି।

ଶ୍ରୀ ନାୟକଙ୍କ ସୂଚନା ମୁତାବକ, ବିହନ ବଣ୍ଟନ ଦାୟିତ୍ୱରେ ଥିବା ଏନଜିଓ ସିଡ୍ ପକ୍ଷରୁ ୧୨ ଜଣ କ୍ଲଷ୍ଟର ଓ ବ୍ଲକ କୃଷି ବିଭାଗ ପକ୍ଷରୁ ଏଏଓ, ଏଓ ଓ ପଞ୍ଚାୟତସ୍ତରରେ ୪ ଜଣ ଭିଏଡବ୍ଲ୍ୟୁଙ୍କ ଦ୍ୱାରା ବିହନର ସୁଷମ ବଣ୍ଟନ ଉପରେ ନଜର ରଖିବା ସହ ତଦାରଖ କରିଛନ୍ତି। ଅଳକୁଣ୍ଡ, ଚନ୍ଦ୍ରମୁହଁ, ସାସନ୍ଦା, ଘଣ୍ଟିଆଳି ଓ ଜରିରେ ୨୦ ହେକ୍ଟର ଚାଷଜମି ପାଇଁ ୪ କ୍ୱିଣ୍ଟାଲ ବିରି ବିହନ ପ୍ରଦାନ କରାଯିବା ସହ ଜରି, ହଳଡିହ, ଆଉଁରୀ, ଉତ୍ତରକୂଳ, ପ୍ରୀତିପୁର, ବରପଦା, ରଣପୁର, ଚନ୍ଦ୍ରମୁହଁ, ପଣ୍ଟିଆଳି, ଗୁହାଳି, ଉଡ଼ରଙ୍ଗ, କପିଳା, ଅରେଇ ଆଦି ପଞ୍ଚାୟତର ୨୦୭୦ ହେକ୍ଟର ଚାଷଜମି ପାଇଁ ୪୧୪ କ୍ୱିଣ୍ଟାଲ ମୁଗ ବିହନ ବଣ୍ଟନ ପାଇଁ ଆସିଥିବାବେଳେ ୨ଟି ପଞ୍ଚାୟତ ପାଇଁ ୨୦ କ୍ୱିଣ୍ଟାଲ ଗଚ୍ଛିତ ଥିବାବେଳେ ୩୯୪ କ୍ୱିଣ୍ଟାଲ ମୁଗ ବିହନ ଅନ୍ୟ ପଞ୍ଚାୟତରେ ବଣ୍ଟନ ହୋଇସାରିଛି।

## ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା | ସମ୍ପ୍ରସାରଣ କାମ ଅଧପନ୍ତରିଆ, ଯାତାୟାତରେ ସମସ୍ୟା



**ଟମକା, ୧୫।୨(ସମିସ)**

ଦାନଗଦି ବ୍ଲକର ଅଶ୍ୱସ୍ତପାଳ ଓ ଗୋବର୍ଦ୍ଧନପୁର ପଞ୍ଚାୟତକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ୩ କିଲୋମିଟରର ରାସ୍ତାର ସମ୍ପ୍ରସାରଣ କାମ ଅଧାପନ୍ତରିଆ ହୋଇପଡ଼ିଛି। ଫଳରେ ସ୍ଥାନୀୟ ଲୋକେ ଯାତାୟାତରେ ଘୋର ସମସ୍ୟା ଭୋଗ କରୁଛନ୍ତି। ଉକ୍ତ ରାସ୍ତା କାମ ଶେଷ କରାଯିବାକୁ ଦାବି ହେଉଛି।

ସୂଚନା ମୁତାବକ, ଏହି ରାସ୍ତା ଉପରେ ଦୁଇ ପଞ୍ଚାୟତର ଲୋକେ ନିର୍ଭର କରିଥା'ନ୍ତି। ଗୋବର୍ଦ୍ଧନପୁରଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, କୃଷି ସମବାୟ ସମିତି କାର୍ଯ୍ୟାଳୟ ଥିବାରୁ ଅଶ୍ୱସ୍ତପାଳ ପଞ୍ଚାୟତର ଚାଷୀ, ରୋଗୀଙ୍କଠାରୁ ଆରମ୍ଭ କରି ସବୁବର୍ଗର ଲୋକେ, ସେହିପରି ଗୋବର୍ଦ୍ଧନପୁର, ମାନପୁର, ଯୈଁଅର, ଜେମାଦେଇପୁର ଗ୍ରାମର ଲୋକେ ଟମକା ରେଲୱେ ଷ୍ଟେସନକୁ ଯିବା ଓ ଚାଷ କାର୍ଯ୍ୟରେ ଏହି ରାସ୍ତାରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ସମ୍ପ୍ରସାରଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ ମଧ୍ୟ ଅଶ୍ୱସ୍ତପାଳ ଗ୍ରାମଠାରୁ କିଛି ବାଟ ମେସିନ୍ ଯୋଗେ ଓସାର କରାଯାଇ ପଥର ଗୁଣ୍ଡ ଓ ମେଣ୍ଟାଲ ପଡ଼ିଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଜମି ଥିବାରୁ କିଛି ପଟ୍ଟାଧାରୀ ଜମି ମାଲିକ ରାସ୍ତାକାମ ପାଇଁ ଜାଗା ନ ଛାଡିବାରୁ କାମ ହୋଇପାରୁନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗର ଦୂରଦୃଷ୍ଟି ଅଭାବ ଓ ଉଦାସୀନ ମନୋଭାବ, ସ୍ଥାନୀୟ ଜମି ମାଲିକଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗର ଅଭାବ ପାଇଁ ପ୍ରତିଦିନ ଶହଶହ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଠିକାଦାର କୌଣସି ସ୍ଥାୟୀ ସମାଧାନ ନ କରି କାମ ଆରମ୍ଭ କରି ବନ୍ଦ କରିଦେଇଛନ୍ତି। ରାସ୍ତା କାମ ଶୀଘ୍ର ଶେଷ କରିବାକୁ ଦାବି ହୋଇଛି।

## ଟ୍ରକ୍‌ରେ ପିଟିହେଲା ବାଇକ୍, ୨ ଗୁରୁତର

**ପାଣିକୋଇଲି, ୧୫ ।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଗ୍ରାମ ନିକଟରେ ଥିବା ଡାଇଭର୍ସନରେ ଏକ ଟ୍ରକ୍ ପଛରେ ଧକ୍କା ହୋଇ ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଯାଜପୁରରୋଡ୍ ପଟୁ ଏକ ଟ୍ରକ୍ ପାଣିକୋଇଲି ଆଡ଼କୁ ଆସୁଥିବାବେଳେ ହଠାତ ଡାଇଭର୍ସନ ନିକଟରେ ଅପରପାର୍ଶ୍ୱକୁ ଯିବା ଲାଗି ଡାହାଣକୁ କାଟି ଦେଇଥିଲା। ଫଳରେ ପଛରେ ଏକ ବାଇକ୍‌ରେ ଯାଜପୁରରୋଡ୍‌ରୁ ବୈଠକ ସାରି ଫେରୁଥିବା ଭଦ୍ରକର ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟରତ ଦୁଇ କର୍ମଚାରୀ ଭୁବନେଶ୍ୱରର ସୁଜିତ ଦାସ ଓ ବାଲେଶ୍ୱରର ବିଜୟ ସାହୁ ପିଟି ହୋଇଯାଇଥିଲେ। ଫଳରେ ଦୁଇ କର୍ମଚାରୀ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ପାଣିକୋଇଲି ପୁଲିସ ଓ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଯାଜପୁରରୋଡ୍ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ପୁଲିସ ଦୁର୍ଘଟଣା ବାଇକ୍ ଓ ଟ୍ରକ୍‌କୁ ଜବତ କରିଛି।

# 'ପ୍ରତ୍ୟେକ ଶିଶୁ ଆତ୍ମନିର୍ଭରଶୀଳ ହୋଇ ଜ୍ଞାନକୌଶଳ ଅର୍ଜନ କରନ୍ତୁ'

## ଶିଶୁଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ନିମନ୍ତେ ପ୍ରଶିକ୍ଷଣ

ଭଦ୍ରକ,୧୫ ।୨(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଆୟୋଜିତ ଦ୍ୱିତୀୟ ଦିବସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ପୁଲିସ ସଭାଗୃହରେ ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟର ଭାରପ୍ରାପ୍ତ ଅଧିକ୍ଷ ସତ୍ୟକୁମାର ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ମଞ୍ଚ ପରିଚାଳନାରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ବିଷୟ ବିଶାରଦ ଭାବେ ସଂଯୋଗ, କଟକର ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟା ସିଂ, ଜନଶିକ୍ଷଣ ସଂସ୍ଥାନର ସଂଯୋଜକ ମିଲୁ ମହାନ୍ତି, ଜିଲ୍ଲା କର୍ମନିଯୋଜକ ସଂସ୍ଥାରୁ ଭିନିତ୍ ଶେଖର ଓ ପରାମର୍ଶଦାତ୍ରୀ ପ୍ରମୁଖ ଯୋଗଦାନ କରିଥିଲେ । କର୍ମଶାଳାରେ ଶିଶୁଙ୍କୁ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ଅଣ-ଆନୁଷ୍ଠାନିକ ସେବା ଅନ୍ତର୍ଭୁକ୍ତ ବିଭିନ୍ନ ଯୋଜନାରେ ସାମିଲ କରି ତାଙ୍କୁ ଥଇଥାନ କରିବା ଦିଗରେ ଚେଷ୍ଟିତ ହେବାକୁ ପରାମର୍ଶ ଦିଆଯାଇଥିଲା । ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଓ ବୈଷୟିକ ଶିକ୍ଷା ନିମନ୍ତେ ଶିଶୁଙ୍କୁ ସୁଯୋଗ ସୃଷ୍ଟିକରିବା ଉଚିତ୍ ବୋଲି ପ୍ରମୁଖ ବକ୍ତାମାନେ ଉଦବୋଧନ ଦେଇଥିଲେ । ପ୍ରତ୍ୟେକ ଶିଶୁ ଆତ୍ମନିର୍ଭରଶୀଳ ହେବା ସହ କୌଶଳ ଜ୍ଞାନ ଆହରଣ କରିବା ଉଚିତ ବୋଲି କର୍ମଶାଳରେ ଆଲୋକପାତ କରାଯିବା ସହ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ଅଂଶୀଦାର ସମୂହଙ୍କୁ ଅବଗତ କରାଯାଇଥିଲା । କର୍ମଶାଳାରେ ଶିଶୁ ମଙ୍ଗଳ ସମିତି ସମେତ ସମସ୍ତ ଥାନାରେ କାର୍ଯ୍ୟରତ ମହିଳା ଶିଶୁ ଡେସ୍କ ଅଫିସର, ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା, ଚାଇଲ୍ଡ ଲାଇନର କର୍ମକର୍ତ୍ତା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ପାରା ଲିଗାଲ କର୍ମୀ, ପ୍ୟାନେଲ ଆଇନଜୀବୀ ଅଂଶଗ୍ରହଣ କରିଥିଲେ । ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଶିଶୁ ସୁରକ୍ଷାର ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

'ଭଦ୍ରାୟଣୀ'ର ତୃତୀୟ ସନ୍ଧ୍ୟା

# ଝୁମାଇଲେ ଅନନ୍ୟା ଚକ୍ରବର୍ତ୍ତୀ ଓ ସୂର୍ଯ୍ୟମୟୀ





ଭଦ୍ରକ, ୧୫ ।୨(ସମିସ)

ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀର ତୃତୀୟ ସନ୍ଧ୍ୟାରେ ମଧ୍ୟ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଛି । ସାନ୍ଧ୍ୟ ସଭାରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତ୍ ରାଏ ମୁଖ୍ୟଅତିଥି ଭାବେ ଏହା କିପରି ଜିଲ୍ଲାର କଳା, ସଂସ୍କୃତି, ଲୁପ୍ତପ୍ରାୟ ଲୋକକଳା, ପରମ୍ପରାର ସୁରକ୍ଷା ଓ ବିକାଶ ଓ ଆଞ୍ଚଳିକ ପ୍ରତିଭାଙ୍କୁ ସୁଯୋଗ ପ୍ରଦାନ କରି ସେମାନଙ୍କର ଦକ୍ଷତା ବିକାଶରେ ସହାୟକ ହୋଇପାରିଛି ବକ୍ତବ୍ୟ ରଖିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଭଦ୍ରକ ଏସପି, ମାଡକର ସନ୍ଦୀପ ସମ୍ପତ, ଅତିରିକ୍ତ ମାଜିଷ୍ଟ୍ରେଟ ଶାନ୍ତନୁ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗ ଦେଇଥିଲେ । ଭଦ୍ରକର ଭାଷା, ସାହିତ୍ୟ, କଳା, ସଂସ୍କୃତି ଭଦ୍ରାୟଣୀ ଜରିଆରେ ଆଗକୁ ବଢୁ ବୋଲି ଅତିଥି ମାନେ ଶୁଭ କାମନା କରିଥଲେ । ପରେ ବଲିଉଡ ସଙ୍ଗୀତ ତାରକା ଅନନ୍ୟା ଚକ୍ରବର୍ତ୍ତୀଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସମ୍ବଲପୁରୀ ନୃତ୍ୟ, ଅମିତ୍ ଡାନ୍ସ ଗ୍ରୁପର ନୃତ୍ୟ କାର୍ଯ୍ୟକ୍ରମ ସାଙ୍ଗକୁ ଓଲିଉଡ ତାରକା ସୁରମୟୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଉଦ୍‌ଘୋଷିକା ମୁନମୁନ ସିଂ ମଞ୍ଚ ପରିଚାଳନା କରିଥିଲେ । ସାନ୍ଧ୍ୟସଭା ପୂର୍ବରୁ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ସଙ୍ଗୀତ ନିର୍ଦ୍ଦେଶକ ଡାନ୍ ସିଂ ସିଦ୍ଧାର୍ଥ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓଲଙ୍ଗର ଶିକ୍ଷୟିତ୍ରୀ କକ୍ଷଦମ୍ବରି କରଶର୍ମାଙ୍କ ମଞ୍ଚ ପରିଚାଳନାରେ ସ୍ଥାନୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା ।

# କ୍ୟାନସର୍ ପୀଡ଼ିତାଙ୍କ ଉଦ୍ଦେଶ୍ୟରେ କେଶ ଦାନ କରି ଚର୍ଚ୍ଚାରେ ଜୟଶ୍ରୀ

ବନ୍ତ/ଆଗରପଡ଼ା,୧୫।୨(ସମିସ): ଜଣେ କ୍ୟାନସର୍ ପୀଡ଼ିତା କେମୋ ନେବା ପରେ ତାଙ୍କର ସମସ୍ତ ଚୂଳ ଝଡ଼ି ଯାଇଥାଏ । ଯାହାଫଳରେ ସେ ସୁସ୍ଥ ହୋଇ ଘରକୁ ଫେରିବା ପରେ ବାହାରକୁ ବାହାରିବା ପାଇଁ ଲଜ୍ଜିତ ଅନୁଭବ କରିଥାଏ । କାରଣ ନାରୀର ସୌନ୍ଦର୍ଯ୍ୟ ହେଉଛି କେଶ । ତେଣୁ ସେମାନଙ୍କୁ ଲଜ୍ଜାମୁକ୍ତ କରିବା ଓ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଓଡ଼ିଶାର 'ସୋପଭା'ଟ୍ରଷ୍ଟ ନାମକ ଏକ ସଂସ୍ଥା ଉକ୍ତ ମହିଳାଙ୍କୁ ବିନା ମୂଲ୍ୟରେ ୱିଗ ଯୋଗାଇଥାଏ । ସେହି ୱିଗ ପ୍ରସ୍ତୁତ ପାଇଁ କେଶର ଆବଶ୍ୟକତା ପଡ଼ିଥାଏ । ସେଥିପାଇଁ ଏବେ ସାରା ଓଡ଼ିଶାରୁ ବହୁତ ମହିଳା କେଶ ଦାନ କରୁଛନ୍ତି । କେବଳ ମହିଳା ନୁହନ୍ତି ପୁରୁଷମାନେ ବି ଏଥିରେ ସାମିଲ ହେଉଛନ୍ତି । ୱିଗ ବନାଇବା ପାଇ କେଶର ଲମ୍ବ ୧୨ ଇଞ୍ଚ ହେବା ଦରକାର । ତେଣୁ ନିଜ କେଶ ବଢ଼ିବା ପରେ ସେଥିରୁ ୧୨ ଇଞ୍ଚ ଲମ୍ବ କେଶକୁ କାଟି ମହିଳାମାନେ ଉକ୍ତ ସଂସ୍ଥାକୁ ଦାନ କରୁଛନ୍ତି । ଆଗରପଡ଼ା ଥାନା ଅନ୍ତର୍ଗତ ବିସଲପଟା ଗ୍ରାମର ପିତା ଜଗବନ୍ଧୁ ନାୟକ, ମାତା ଭାରତୀଙ୍କ ଝିଅ ଏବଂ ତାପସ ରଞ୍ଜନ ସ୍ୱାଇଁଙ୍କ ପତ୍ନୀ ଜୟଶ୍ରୀ ଏହି ମହତ୍ କାର୍ଯ୍ୟରେ ନିଜକୁ ସାମିଲ କରି ନିଜର ଲମ୍ବା କେଶରୁ ୧୫ ଇଞ୍ଚ କେଶକୁ କ୍ୟାନସର୍ ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ଦାନ କରି ନାରୀର ସୌନ୍ଦର୍ଯ୍ୟ ରକ୍ଷା କରିବା ପାଇଁ ନିଜର ସୌନ୍ଦର୍ଯ୍ୟକୁ ମଧ୍ୟ କିଛି ମାତ୍ରାରେ ଦାନକରି ଅନ୍ୟଙ୍କ ପାଇଁ ଉଦାହରଣ ସାଜିଛନ୍ତି । ଜୟଶ୍ରୀଙ୍କ ଏହିପରି ମହାନ ଚିନ୍ତାଧାରା ଓ କାର୍ଯ୍ୟ ପାଇଁ ତାଙ୍କୁ ପ୍ରଶଂସାର ସୁଅ ଛୁଟିବା ସହ ସେ ବର୍ତ୍ତମାନ ଚର୍ଚ୍ଚାରେ ।



# ଲାୟନ୍‌ସ କ୍ଲବ୍ ଜିଲ୍ଲା ଗଭର୍ଣ୍ଣରଙ୍କ ମହାପୁରୁଷ ଆଶ୍ରମ ପରିଦର୍ଶନ

ଦୋବଲ, ୧୫।୨(ସମିସ): ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳସ୍ଥିତ ମହାପୁରୁଷ ଆଶ୍ରମକୁ ଭଦ୍ରକ ଜିଲ୍ଲା (୩୨୨ ସି ୫) ଲାୟନ କ୍ଲବର ଗଭର୍ଣ୍ଣର ପ୍ରଲୁବ୍ଧ ଜେନା ପରିଦର୍ଶନ କରିଥିଲେ । ଏହି ଅବସରରେ ଆଶ୍ରମରେ ଏକ ସଭାରେ ଭଦ୍ରକ ଲାୟନ କ୍ଲବର ସଭାପତି ଗୋବିନ୍ଦ ପ୍ରସାଦ ମୋରଙ୍କ ସଭାପତିତ୍ୱରେ ଆଶ୍ରମର ସଂପାଦକ ପ୍ରକାଶ କୁମାର ଜେନା ପ୍ରାରମ୍ଭିକ ସୁଚନା ପ୍ରଦାନ କରିବା ସହ ଆଶ୍ରମର ଅନ୍ତେବାସୀ ଓ ପରିଚାଳନା କମିଟି ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଜୋନ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଶ୍ୱନାରାୟଣ ପଣ୍ଡା, ଆରସି, ପ୍ରଭାତ କୁମାର ଧଳ ପ୍ରମୁଖ ଯୋଗ ଦେଇଥିଲେ । ଆଶ୍ରମର ସଭାପତି ନକୁଳ ଦେବ ଶାସ୍ତ୍ରୀ ବେଦ ପାଠ କରିଥିଲେ । ସତ୍ୟସୁନ୍ଦର ପାତ୍ର, ଦେବସ୍ମିତା ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବ୍ଲକ୍‌ସ୍ତରୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ବୈଠକ

ଭଣ୍ଡାରିପୋଖରୀ, ୧୫।୨(ସମିସ): ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ-ଶିକ୍ଷୟତ୍ରୀଙ୍କ ଚତୁର୍ଦ୍ଦଶ ମାସିକ ବୈଠକ ବିଶୋଳ-କୁଲଣା ମୈତ୍ରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୩୦ଟି ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ପ୍ରମୋଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ଅକ୍ଷୟ ଜେନା ମୁଖ୍ୟଅତିଥି, ସମ୍ବଳଶିକ୍ଷକ ତଥା ପ୍ରଧାନଶିକ୍ଷକ ରବିନ୍ଦ୍ର ମହାରଣା, ପ୍ରଧାନଶିକ୍ଷକ କୈଳାସଚନ୍ଦ୍ର ଜେନା, ପ୍ରଧାନଶିକ୍ଷୟିତ୍ରୀ ତଟିନୀ ସେଠୀ, ପ୍ରଧାନଶିକ୍ଷକ ବିଷ୍ଣୁଚରଣ ନାୟକ, ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତିଲତା ମହାନ୍ତି, ପ୍ରଧାନଶିକ୍ଷକ ମନୋରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଉତ୍କର୍ଷ, ଖାନ ଏକାଡେମୀ, ପଞ୍ଚସଖା ଶିକ୍ଷାସେତୁ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଆକାଂକ୍ଷୀ ପାଠ୍ୟକ୍ରମ, ଏସଆଇଓଏସ ନାମଲେଖା ଆଦି ପ୍ରସଙ୍ଗରେ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ବିଶ୍ୱଜିତା ଗିରି ସ୍ୱାଗତ ଭାଷଣ ଓ ଶିକ୍ଷକ ଦେବାଶିଷ ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ରାମ୍ୟ ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର କଟା ଗଛ ଜବତ

ଅସୁରାଳି, ୧୫।୨ (ସମିସ): ଧାମନଗର ବ୍ଲକ ଭଟସାହି ପଞ୍ଚାୟତର ଫଳପୁର ଗ୍ରାମ୍ୟ ଜଙ୍ଗଲରେ ୩୦ ବର୍ଷ ତଳେ ଧାମନଗର ବନ ବିଭାଗ ଅର୍ଥ ଖର୍ଚ୍ଚ କରି ମୂଲ୍ୟବାନ ଗଛ ଲଗାଇଥିଲା; ମାତ୍ର ସ୍ଥାନୀୟ ଅଞ୍ଚଳର କିଛି ଲୋକ ନିଜ ଜାଗା କହି ଲକ୍ଷାଧିକ ଟଙ୍କା ମୂଲ୍ୟର ଗଛକୁ କାଟି ବିକ୍ରି କରୁଥିବା ଜଣାପଡ଼ିଛି । ଏନେଇ ଖବର ପାଇ ବନ ବିଭାଗ ଉକ୍ତ କଟା ହୋଇଥିବା କିଛି ଗଛକୁ ଜବତ କରିଛି । ସ୍ଥାନୀୟ ଯୁବକ ପ୍ରଭାତ ମହାନ୍ତି, ଦୀପ୍ତିରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ ମହାନ୍ତି, କୈଳାସ ମହାନ୍ତି, ଗୌରାଙ୍ଗ ପତି ସମେତ ଗ୍ରାମବାସୀ ବିରୋଧ କରିଥିଲେ । ଏ ଦିଗରେ ଧାମନଗର ତହସିଲଦାରଙ୍କୁ ଅଭିଯୋଗ କରିବା ପରେ ନଦୀଗାଁ ଆରଆଇଙ୍କୁ ଘଟଣାର ତଦନ୍ତ ପାଇଁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ପରେ ଘଟଣାସ୍ଥଳରେ ଆରଆଇ ସମେତ ଧାମନଗର ବନ ବିଭାଗର ଅଧିକାରୀ ପହଞ୍ଚି ଉକ୍ତ ମୂଲ୍ୟବାନ କାଠକୁ ଜବତ କରିଛନ୍ତି । ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି ।

# ପାଠ୍ୟ ଉପକରଣ ବଣ୍ଟନ

ଦୋବଲ,୧୫।୨(ସମିସ): ଦୋବଲ ଜୋନ ନଡ଼ିଆବାଗ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଜେନାଙ୍କ ସଭାପତିତ୍ୱରେ ଅତିଥି ଭାବେ ଯାଜପୁର ବ୍ଲକ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ମନୋଜ ଜେନା, ବରିଷ୍ଠ ନାଗରିକ ପରିଷଦ ସଭ୍ୟ ନିରାକାର ଧଳ, ସେବାନିବୃତ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ କର, ସମାଜସେବୀ ନିରଞ୍ଜନ କର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ପ୍ରଦୀପ ସାହୁ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଶିକ୍ଷକ ଦେବେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ସୌମ୍ୟରଞ୍ଜନ ସାହୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ ।

# ବିଭିନ୍ନ ସ୍ଥାନରେ ମାତୃପିତୃ ପୂଜନ ଉତ୍ସବ



ଭଦ୍ରକ/ମଞ୍ଜୁରୀ ରୋଡ/ବାରିକପୁର, ୧୫ ।୨(ସମିସ): 'ଫେବୃଆରୀ ୧୪' ଉପଲକ୍ଷେ ଭଦ୍ରକ ବାଇପାସସ୍ଥିତ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ମନ୍ଦିରଠାରେ ପବିତ୍ର ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଆଚାର୍ଯ୍ୟ ଭାଗବତ ସାର୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଶ୍ରୀଯୋଗ ବେଦାନ୍ତ ସେବା ସମିତି ସଭାପତି ଶିକ୍ଷାବିତ ଦୈତାରୀ ପଣ୍ଡା ଯୋଗ ଦେଇଥିଲେ । ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ଓ ଗାଁ ସାହି ବସ୍ତିରେ ସମସ୍ତେ ଫେବୃଆରୀ ୧୪କୁ ମାତାପିତାଙ୍କ ପୂଜା ଉତ୍ସବ ଭାବେ ପାଳନ କରିବାକୁ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ପରାମର୍ଶ ଦିଆଯାଇଥିଲା । ଅନେକ ମାତାପିତା ଯୋଗ ଦେଇଥିବା ବେଳେ ସେମାନଙ୍କୁ ସନ୍ତାନମାନେ ପୂଜାର୍ଚ୍ଚନା କରିଥିଲେ । ସମିତି ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, ଅଶୋକ ମିଶ୍ର, ଅମରିଶ ମହାନ୍ତି, ଚନ୍ଦନ ଦାସ, ଜ୍ୟୋତିପ୍ରକାଶ ମହାନ୍ତି, ସୁକାନ୍ତ ନାୟକ, ରାମକୃଷ୍ଣ ବାରିକଙ୍କ ସମେତ ବିଦ୍ୟାମନ୍ଦିର ଆଚାର୍ଯ୍ୟ-ଆଚାର୍ଯ୍ୟା ପରିଚାଳନା କରିଥିଲେ ।

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀସ୍ଥିତ ଶାରଦା ବିଦ୍ୟାମନ୍ଦିରଠାରେ ପ୍ରଧାନଆଚାର୍ଯ୍ୟ ନିର୍ମଳ ସେନାପତିଙ୍କ ଅଧ୍ୟକ୍ଷତାରେ ଅଭିଭାବକ ତଥା ମାତୃପିତୃ ପୂଜନ ଉତ୍ସବ ଆଚାର୍ଯ୍ୟା ଦମୟନ୍ତୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ ଉଦଘାଟନ କରିଥିଲେ । ବରିଷ୍ଠ ଶିକ୍ଷକ ପବନ ନାୟକ, ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ବହୁ ଅଭିଭାବକଙ୍କୁ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଗୁରୁମା' ସସ୍ମିତା ମହାନ୍ତି, ସବିତା ମହାପାତ୍ର, ଜ୍ୟୋତିରାଣୀ ରାଉତ, ରୁବିରାଣୀ ଜେନା, ସୈମିତ୍ରୀ ପାତ୍ର, ସନ୍ତୋଷ ପ୍ରଧାନ, ପ୍ରଦ୍ୟୁମ୍ନ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

ସେହିପରି ରହଣିଆ ପଞ୍ଚାୟତ ରାଣୀଗଡିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଅଭିଭାବକ ପୂଜନ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀଯୋଗ ବେଦାନ୍ତ ସେବା ସମିତି ସଦସ୍ୟ ତଥା ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା ଯୋଗ ଦେଇଥିଲେ । ଶିକ୍ଷକ ପ୍ରଶାନ୍ତ ସାମଲ, ଚୈତନ୍ୟ ରାଉତ, ଗଣମାଧ୍ୟମ ପ୍ରତିନିଧି ମନୋରଞ୍ଜନ ସେଠୀ, ଆକାଶ ଆଦିତ୍ୟ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ଉପସ୍ଥିତ ମା' ବାପାଙ୍କୁ ତିଳକ, ପୁଷ୍ପ, ଧୂପ ଦୀପ ନୈବେଦ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ ।

ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ

# ଆଦର୍ଶ କ୍ଲବ୍-ବାପୁଜୀ ସ୍ପୋର୍ଟିଂ ଫାଇନାଲ ଆଜି



ଦୋବଲ,୧୫।୨(ସମିସ): ଦୋବଲ ଜୋନ ଦେହୁଡି ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ହାଇସ୍କୁଲ ପଡିଆରେ ଭଗବତୀ ଯୁବକ ସଂଘ ପକ୍ଷରୁ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି । ଏଥିରେ ବିଜୟନଗରମ ୱାରିଅର୍ସ ଭାଇଜାଗକୁ ହରାଇ ଭୁବନେଶ୍ୱରର ବାପୁଜୀ କ୍ରିକେଟ କ୍ଲବ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ବାପୁଜୀ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୨୪.୫ ଓଭରରେ ସମସ୍ତ ୱିକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା । ଜବାବରେ ବିଜୟନଗରମ୍ ୱାରିଅର୍ସ ୨୪.୨ ଓଭରରେ ସମସ୍ତ ୱିକେଟ ହରାଇ ୧୯୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ଅମ୍ପାୟାର୍ ଭାବେ ଦୀପ୍ତିରଞ୍ଜନ ମହାନ୍ତି ଓ ଦେବବ୍ରତ ଦାସ ଖେଳ ପରିଚାଳନା କରିଥିଲେ । ଶୁଭ୍ରାଂଶୁ ଶେଖର ସାହୁ ସ୍କୋରର ଥିବା ବେଳେ ନିହାର ରଞ୍ଜନ ବେହେରା ଡିଜିଟାଲ, ବଳରାମ ବେହେରା ଅନଲାଇନ ସ୍କୋରର ଥିଲେ । ଜ୍ଞାନରଞ୍ଜନ ଘଡେଇ ଓ ରସିଦ ୱାହିଦ ଧାରା ବିବରଣୀ ପ୍ରଦାନ କରିଥିଲେ । ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ବାପୁଜୀ ସ୍ପୋର୍ଟିଂର ଜ୍ୟୋତିରଞ୍ଜନ ବେହେରାଙ୍କୁ ଅତିଥି ପୂର୍ବତନ ସମିତିସଭ୍ୟ ରମେଶଚନ୍ଦ୍ର ପତି, ସେବାନିବୃତ୍ତ ବ୍ୟାଙ୍କ ପ୍ରବନ୍ଧକ ନାରାୟଣଚନ୍ଦ୍ର ନାୟକ ଓ ପୂର୍ବତନ ସରପଞ୍ଚ ଶରତଚନ୍ଦ୍ର ମାଝୀ ପୁରସ୍କୃତ କରିଥିଲେ । ଆସନ୍ତାକାଲି ରବିବାର ଫାଇନାଲ ମ୍ୟାଚ ଆଦର୍ଶ କ୍ଲବ୍ ବାଲେଶ୍ୱର ସହିତ ବାପୁଜୀ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ।

ଭଦ୍ରକ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ୩ୟ ସନ୍ଧ୍ୟା

# ବାଲେଶ୍ୱର 'ନାୟିକା'ର 'ଲକ୍ଷ୍ମଣରେଖା' ମଞ୍ଚସ୍ଥ





ଭଦ୍ରକ, ୧୫ ।୨(ସମିସ)

ଭଦ୍ରକ ଶହୀଦ ସ୍ମୃତି ଭବନଠାରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଚାଲିଥିବା ୨୨ତମ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ-୨୦୨୫ ୩ୟ ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ନାୟିକା ନାଟ୍ୟାନୁଷ୍ଠାନର ଲକ୍ଷ୍ମଣରେଖା ନାଟକ ମଞ୍ଚସ୍ଥ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧକ୍ଷା ଗୁଲ୍‌ମକ୍କୀ ଦଲାୱାଜି ହବିବ ଓ ଶିକ୍ଷାବିତ ମନୋରମା ଆଚାର୍ଯ୍ୟ ଯୋଗ ଦେଇଥିଲେ । ନଟରାଜ ସାଂସ୍କୃତିକ ଅନୁଷ୍ଠାନର ସଭାପତି ନାଟ୍ୟକାର ଡ. ସୁଧାଂଶୁ ନାୟକଙ୍କ ସଂଯୋଜନାରେ ମଞ୍ଚସ୍ଥ ନାଟକକୁ ଡ.ମେଜର ପ୍ରଦୀପ ଭୌମିକ ରଚନା କରିଥିବା ବେଳେ ସୁସ୍ମିତା ରଣା-ପଟ୍ଟନାୟକ ନିର୍ଦ୍ଦେଶନା ଦେଇଛନ୍ତି । ଶ୍ରୀମତୀ ରଣା-ପଟ୍ଟନାୟକ କହିଲେ ଯେ ଅବିଭାବକମାନେ ନିଜର କର୍ତ୍ତୃତ୍ୱ ଜାହିର କରି ବଳପୂର୍ବକ ନିଜର ପିଲାମାନଙ୍କୁ ନିଜ ସ୍ୱପ୍ନର ମଣିଷ ଗଢିତୋଳିବାକୁ ଚାହିଁଲେ ଫଳ ବିପରୀତ ହୁଏ । ଏହି ଚରମ ତଥା ନିର୍ମମ ସତ୍ୟର ପ୍ରତିଫଳନ ଘଟିଛି ନାଟକ 'ଲକ୍ଷ୍ମଣ ରେଖା'ରେ । ସୂର୍ଯ୍ୟକାନ୍ତ ଭୂମିକାରେ ଅରବିନ୍ଦ ସାହୁ, ଯଶ୍ୱିନ୍ ଭୂମିକାରେ ସ୍ଥିତିପ୍ରଜ୍ଞା ମହାନ୍ତି, ଆଶୀର୍ବାଦ-ଅମୃତାଂଶୁ ମହାପାତ୍ର, ଧରଣୀ-ହରିଶଙ୍କର ସାହୁ, ଚନ୍ଦ୍ରକାନ୍ତ-ଅତୁଲ ଦାସ, ଆକବର-ସୁଶୀଲ ପଟ୍ଟନାୟକ, ସଲିମ-ବିଜୟ ଅଧିକାରୀ, ୱାଜିଦ୍ ଖାନ୍-ମୋହିତମୋହନ ଦାସ, ଆକାଶ-ସୁଧାଂଶୁଶେଖର ସାହୁ, ମିଷ୍ଟର କପୁର-ପ୍ରଦୀପ ବେହେରା, ଜର୍ଜ ସାହୁ-ସୁଶାନ୍ତ କୁମାର ଜେନା, ଦ ହାଜ୍‌ରା-ଘନଶ୍ୟାମ ମହାଳିକ, ୱାର୍ଡବୟ-୧-କୁମାର ଅଭିଷେକ, ୱାର୍ଡ ବୟ-୨-ସ୍ୱସ୍ତିକସୁନ୍ଦର ମହାପାତ୍ର ଓ ନର୍ତ୍ତକୀ ଭୂମିକାରେ ପ୍ରତିକ୍ଷା ଦାସ ସୁନ୍ଦର ଅଭିନୟ କରିଥିଲେ । ସଙ୍ଗୀତ ନିର୍ଦ୍ଦେଶନା ଶକ୍ତିପ୍ରସାଦ ମିଶ୍ର ଦେଇଥିବା ବେଳେ ଆଲୋକ-ଅଭିଜିତ ବିଶ୍ୱାଳ, ମଂଚସଜ୍ଜା-ତ୍ରମଳର୍ତି ଆର୍ଟ୍ସ, ପୋଷାକ ରୂପସଜ୍ଜା-ମାମା ନାଟକକୁ ଆକର୍ଷଣୀୟ କରିଥିଲେ । ମଞ୍ଚ ସହଯୋଗୀ ଭାବେ ପାର୍ଥସାରଥୀ ଧଳ, ଅଭିଷେକ ପାଣିଗ୍ରାହୀ, ଭାରତୀ ନାୟକ, ବିକ୍ରମକେଶରୀ ମହାପାତ୍ର, ଶୁଭଶ୍ରୀ ବେହେରା, ଭାଗ୍ୟଶ୍ରୀ ବେହେରା ଦାୟିତ୍ୱ ତୁଲାଇଥିଲେ । ଓଡ଼ିଶାର ଖ୍ୟାତନାମା ସଙ୍ଗୀତ ଗାୟକ ଓ ନିର୍ଦ୍ଦେଶକ ସୁବାସ ରାମ୍‌ଙ୍କ ସହ ନାଟ୍ୟ ନିର୍ଦ୍ଦେଶକ ସୁସ୍ମିତା ରଣା-ପଟ୍ଟନାୟକଙ୍କୁ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠାନର ସମ୍ପାଦକ ନରେନ୍ଦ୍ର ପରିଡା, ଉପସଭାପତି ଶିବପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ଦେବବ୍ରତ ମହାନ୍ତି, ପ୍ରଦୀପ ମହାପାତ୍ର, ରମାକାନ୍ତ ବାରିକ, ନିରଞ୍ଜନ ସ୍ୱାଇଁ ଓ କାଳନ୍ଦୀ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

# ସୁରେନ୍ଦ୍ରନାଥ ବିଶ୍ୱାଳ ସ୍ମାରକୀ କ୍ରିକେଟ: ରାମରାକୁଳ କ୍ରିକେଟ ଟିମ୍ ଚାମ୍ପିଅନ

ଆରଡ଼ି /ଆସୁରାଳି, ୧୫ ।୨ (ସମିସ): ଚାନ୍ଦବାଲି ବ୍ଲକ ସୁନ୍ଦରପୁର ପଞ୍ଚାୟତର କୁଳେଇପଦା ଖେଳ ପଡିଆରେ କେ.କେ. ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସୁରେନ୍ଦ୍ରନାଥ ବିଶ୍ୱାଳ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦଯାପନୀ ମ୍ୟାଚ ଆଜି ଅପରାହ୍ନ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ମ୍ୟାଚ ଯାଜପୁର ସୁନ୍ଦରାଇ ମୁହଁ କ୍ରିକେଟ ଟିମ ଓ ଭଦ୍ରକ ରାମରାକୁଳ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରାମରାକୁଳ କ୍ରିକେଟ ଟିମ ୪ ୱିକେଟରେ ବିଜୟଲାଭ କରି ଫାଇନାଲ ଟ୍ରଫି ସହ ୨୫ ହଜାର ଟଙ୍କାର ଚେକ ହାସଲ କରିଥିଲେ । ସୁନ୍ଦରାଇମୁହଁ କ୍ରିକେଟ ଟିମ ରନର୍ସଅପ ଟ୍ରଫି ସହ ୧୩ ହଜାର ଟଙ୍କାର ଚେକ ପାଇଥିଲେ । ସାମ୍ବାଦିକ ଦୀପ୍ତିରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡ଼ା ସଭାରେ ବାବାମଣି ସ୍ୱାତକ ମହାବିଦ୍ୟାଳୟର ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ମୁଖ୍ୟଅତିଥି, ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ କୁମାର ଦାସ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ବରିଷ୍ଠ ଶିକ୍ଷକ ଦିଲୀପ ଦାସ, ସାମାଜିକ କର୍ମୀ ଅଭିମନ୍ୟୁ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରନର୍ସଅପ କପ ମୁଖ୍ୟଅତିଥି ଶ୍ରୀ ଜେନା ପ୍ରଦାନ କରିଥିଲା ବେଳେ ସୁରେନ୍ଦ୍ରନାଥ ବିଶ୍ୱାଳଙ୍କ ଧର୍ମପତ୍ନୀ ରତ୍ନମଞ୍ଜରୀ ବିଶ୍ୱାଳ ବିଜୟୀ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ସାମ୍ବାଦିକ ସନ୍ତୋଷ ଦାସ ମ୍ୟାନ ଅଫ ଦି ସିରିଜ ଟ୍ରଫି ଓ ଶିକ୍ଷକ ଶ୍ରୀ ଦାସ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ମିଷ୍ଟର ତପୁଆଙ୍କୁ ବେଷ୍ଟ କମେଣ୍ଟେଟର, ସଞ୍ଜୟ ବାରିକଙ୍କୁ ବେଷ୍ଟ ଅମ୍ପାୟାର ସମ୍ମାନରେ ସମ୍ମାନିତ କରା ଯାଇଥିଲା । କେ.କେ. ସ୍ପୋର୍ଟି କ୍ଲବର ସ୍ମୃତି ରଞ୍ଜନ, ସତ୍ୟଜିତ, ଭବାନୀ ଶଙ୍କର, ପ୍ରଭଞ୍ଜନ, ଦୀପକ, ଅନିରୁଦ୍ଧ, କାହ୍ନା, ଶୁଭମ ସହଯୋଗ କରିଥିଲେ ।



# ସରିଲା ଧାମନଗର ଶୀତ ମହୋତ୍ସବ



ଧାମନଗର, ୧୫।୨(ସମିସ): ଓଡ଼ିଶାର ଇତିହାସକୁ ଅବଲୋକନ କଲେ ଧାମନଗର ମାଟିର ଅବଦାନ ସ୍ୱାତନ୍ତ୍ରତା ଜାହିର କରେ। ଧାର୍ମିକ ପରମ୍ପରା, ସାଂସ୍କୃତିକ ଏକତା, ସାମ୍ପ୍ରଦାୟିକ ସଦଭାବନା ସହ ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଏବଂ ରକ୍ତର ସ୍ୱାକ୍ଷର ଏ ମାଟିର ଗାରିମାକୁ ପ୍ରମାଣିତ କରୁଛି। ଧାମନଗର ମାଟି ଇତିହାସକୁ ସମୃଦ୍ଧ କରିଛି ବୋଲି ପ୍ରଥମ ଶୀତ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳାର ଶେଷ ସନ୍ଧ୍ୟାରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି।

ସୋମା ମହାପାତ୍ରଙ୍କ ସଞ୍ଚାଳନରେ ଉଦଯାପନୀ ଉତ୍ସବରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଧାମନଗର ବିଡିଓ ବନବିହାରୀ ଦିନ୍ଦା, ଭାରପ୍ରାପ୍ତ ତହସିଲଦାର ସାଇ ସାଲୋନା, ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ସଦଭାବନା ମଞ୍ଚ ନାମରେ ନାମିତ ସାଂସ୍କୃତିକ ମଞ୍ଚରେ ଡାକ୍ତର ବିକାଶ ନନ୍ଦ, ସାହିତ୍ୟିକ ସତ୍ୟସୁନ୍ଦର ପରିଡ଼ା, ସଙ୍ଗୀତ ବିଶାରଦ ଧନେଶ୍ୱର ସାହୁ, ଚାଷୀ କୃଷ୍ଣଚନ୍ଦ୍ର ରାଉତ, ବରିଷ୍ଠ ସାମାଜିକ କର୍ମୀ ଗୋଲାମ ଜିଲାନି ହବିବ, ଏମଡି ହବିବୁର ରହେମାନ, ମାନସ ରଞ୍ଜନ ସାହୁ, କଳାକାର ଉମାକାନ୍ତ ମାଝୀ, ଅଜୟ ପରିଡ଼ା, ପାଲା ଗାୟକ ବିରଞ୍ଚି ତ୍ରିପାଠୀଙ୍କୁ ଶୀତ ମହୋତ୍ସବ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ପାଞ୍ଚଦିନ ଧରି ଚାଲିଥିବା ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳାର ଶେଷ ସନ୍ଧ୍ୟାରେ ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଏବଂ ତାଙ୍କ ଟିମର ନୃତ୍ୟ ତଥା ଗାୟିକା ଜୟଶ୍ରୀ, ଚିନ୍ମୟୀ, ଗାୟକ ଆରଆର, ପିକେଙ୍କ ସଙ୍ଗୀତରେ ହଜାର ହଜାର ଦର୍ଶକ ଆନନ୍ଦ ଓ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜେପି ନେତା ଅଶୋକ ପୁହାଣ, ମନୋଜ ମଲ୍ଲିକ, ଶରତ ମହାନ୍ତି, ସରୋଜ ମହାପାତ୍ର, କୈଳାସ ମହାପାତ୍ର, ଅରବିନ୍ଦ ପତି, ବୈକୁଣ୍ଠ ସାହୁ, ରଞ୍ଜିତା ସ୍ୱାଇଁ, ରଞ୍ଜିତ ମହାନ୍ତି, ବିଜୟ ରାମ, ଚିତ୍ତରଞ୍ଜନ ଦାସ, ସୁରେନ୍ଦ୍ର ସେଠୀ, ସନ୍ତୋଷ ଦାସ ଅଧିକାରୀ, ପ୍ରମୋଦ ସୂତାର, ପ୍ରଶାନ୍ତ ପରିଡ଼ା, ମନୋଜ ସିଂହ, ଚିତ୍ତରଞ୍ଜନ ଜେନା, ଚତୁର୍ଭୁଜ ନାୟକ, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୀତ ମହୋତ୍ସବ ପରିଷଦର ସହସମ୍ପାଦକ ପୂର୍ବତନ ତହସିଲଦାର ଦୀପକ ଦାସ ଧନ୍ୟବାଦ ଦେଇଥିଲେ।

### ଧନ୍ୟବାଦ ଜଣାଇଲେ ଉପଜିଲ୍ଲାପାଳ

ଧାମନଗର ବ୍ଲକ ସଭାଗୃହରେ ଶୀତ ମହୋତ୍ସବ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ। ଧାମନଗରରେ ପ୍ରଥମ ଶୀତ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ୫ ଦିନ ପରେ ଶୁକ୍ରବାର ରାତିରେ ଶେଷ ହୋଇଛି। ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପଞ୍ଚାୟତିରାଜ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣଙ୍କ



ପୌରହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ପରିଷଦର ସମ୍ପାଦକ ଉପଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ, ବିଡିଓ ବନବିହାରୀ ଦିନ୍ଦା, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଶରତ ମହାନ୍ତି, ମନୋଜ ମଲ୍ଲିକ, ଅରବିନ୍ଦ ପତି ପ୍ରମୁଖ ଜନସାଧାରଣଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଉତ୍ସବରେ ଯୋଗ ଦେଇଥିବା ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରବିନାରାୟଣ ନାଏକଙ୍କ ସମେତ ପରିଷଦର ସଭାପତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାମନଗର ଦୁଇ ପର୍ଯ୍ୟଟନସ୍ଥଳୀ ଲୁଣିଆ ଏବଂ ଗୋହିରାଟିକିରିର ବିକାଶ, ମଙ୍ଗଳପୁର-ସହିଦ ନଗର-ବିଲଣା ରାସ୍ତାକୁ ଶହୀଦ ମାର୍ଗ କରିବା ଏବଂ ବୈତରଣୀ ନଦୀର ବାମ ପାର୍ଶ୍ୱ ରାସ୍ତାକୁ ପ୍ରଶସ୍ତ କରିବା ଦିଗରେ ଆର୍ଥିକ ମଞ୍ଜୁରୀ ଘୋଷଣା ଧାମନଗର ବିକାଶକୁ ନୂଆ ରୂପ ଦେବ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଶ୍ରୀକାନ୍ତ ନାୟକ, ବିଜୟ ରାମ, ବୈକୁଣ୍ଠନାଥ ସାହୁ, ପ୍ରମୋଦ ସୂତାର, ରାଜେନ୍ଦ୍ର ସାହୁ, ଅନିରୁଦ୍ଧ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଶିବ ପ୍ରତିମୂର୍ତ୍ତିକୁ ଅପମାନ; ପଡ଼ିଆରେ ଥୋଇ ପଳାଇଲେ

ଭଦ୍ରକ/ଧାମନଗର/ଦୋବଲ: ଧାମନଗର ଶୀତ ମହୋତ୍ସବରେ ଭୋଳାନାଥଙ୍କୁ ଅସମ୍ମାନ। ଜିଲ୍ଲା ସଂସ୍କୃତି ବିଭାଗ, ପଞ୍ଚାୟତିରାଜ ଓ ଓରମାସ ପକ୍ଷରୁ ଆୟୋଜିତ ୪ ଦିନିଆ ମହୋତ୍ସବ ପରେ ଶିବଙ୍କ ପ୍ରତିମୂର୍ତ୍ତିକୁ ପଡ଼ିଆରେ ଥୋଇ ଦେଇ ଚାଲିଗଲା ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା। ଏହାକୁ ନେଇ ଧାମନଗର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଓ ସଂସ୍ଥାର ଏଭଳି ଅବହେଳାକୁ ଲୋକେ କଡ଼ା ନିନ୍ଦା କରିଛନ୍ତି।

ପାଞ୍ଚଦିନ ଧରି ଜୟନଗର ପଡ଼ିଆରେ ଶୀତ ମହୋତ୍ସବ-୨୦୨୫ ଓ ପଲ୍ଲିଶ୍ରୀ ମେଳା ଆୟୋଜନ ହୋଇଥିଲା। ମହୋତ୍ସବ ସ୍ଥଳରେ ୧୨ ଫୁଟ ଉଚ୍ଚର ଶିବଙ୍କ ଧ୍ୟାନ ମୁଦ୍ରାର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ପ୍ରତି ସଂଧ୍ୟାରେ ଫୁଲମାଳ ଦିଆଯାଇ ଆରାଧନା କରାଯାଉଥିଲା। ଶୁକ୍ରବାର ରାତିରେ ମହୋତ୍ସବ ସରିଲା ତ ଶନିବାର ପ୍ରତିମୂର୍ତ୍ତିଟିକୁ ଛାଡ଼ି ଟେଣ୍ଟ ଗାଡ଼ି ପଳାଇଥିଲା। ପ୍ରତିମୂର୍ତ୍ତି ସେମିତି ଭୂମିରେ ରହିଥିଲା ବୋଲି ସ୍ଥାନୀୟ ଲୋକେ କହିଥିଲେ। ସେପଟେ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାର ମାଲିକ ରବିସୁନ୍ଦର ରାୟ ଏ ଅଭିଯୋଗକୁ ଖଣ୍ଡନ କରିଛନ୍ତି। କହିଛନ୍ତି ଯେ ଟେଣ୍ଟ ଏହାକୁ ସଂପୂର୍ଣ୍ଣ ଖୋଲିବାକୁ ୩ ଦିନ ଲାଗିବ। କିଛି ସ୍ଥାନୀୟ ଯୁବକ ଏହି ମୂର୍ତ୍ତିକୁ ଯୁକ୍ତିତର୍କ କରି ନେଇ ପଳାଉଥିଲେ। ଆମେ ପ୍ରଶାସନର ସାହାଯ୍ୟ ନେଇ ମୂର୍ତ୍ତିଟିକୁ ଉଦ୍ଧାର କରିଥିଲୁ। ସେହି ସମୟରେ ଗାଡ଼ି ଡାକିଥିଲୁ। ଗାଡ଼ି ଆସିବା ବିଳମ୍ବ ହେବା ସମୟରେ କେହି ଜଣେ ଭିଡିଓ ସୁଟିଂ କରି ମିଡିଆକୁ ଦେଇ ଭୁଲ୍ ଖବର ପ୍ରସାରଣ କରିଛନ୍ତି। ଆମେ ଏଭଳି ଘଟଣାକୁ ନେଇ ଖୁବ୍ ସଚେତନ ବୋଲି ସେ କହିଛନ୍ତି।



ତେବେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଅଭିଯୋଗ ଯେ ଗତବର୍ଷ ଫେବ୍ରୁଆରୀ ପହିଲାରେ ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ସରିବା ପରେ ମହାପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତି ପଡ଼ିଆରେ ଛାଡ଼ି ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ପଳାଇଥିଲା। ସେତେବେଳେ ଏହାକୁ ନେଇ ତୁମ୍ବିତୋଫାନ ହୋଇଥିଲା। ତତ୍କାଳୀନ ଧାମନଗର ବିଧାୟକ ତଥା ବର୍ତ୍ତମାନର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତୀବ୍ର ପ୍ରତିକ୍ରିୟା ରଖିବା ସହ ସରକାରଙ୍କୁ ସମାଲୋଚନା କରିଥିଲେ। ଏବେ ତାଙ୍କ ମନ୍ତ୍ରାଳୟ ଅଧୀନରେ ହେଉଥିବା ଏଭଳି ବ୍ୟତିକ୍ରମ ସମାଲୋଚିତ ହେଉଛି।

**ବରିଷ୍ଠ ନାଗରିକ କଲ୍ୟାଣ ସଚେତନତା କାର୍ଯ୍ୟକ୍ରମ**

# ଆଇନଗତ ସୁରକ୍ଷା ଓ ଅଧିକାର ଉପରେ ଆଲୋଚନା

ଭଦ୍ରକ,୧୫।୨(ସମିସ): ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ କଲ୍ୟାଣ ସଚେତନତା ଉପରେ ଆଇନଗତ ଦିଗ ଉପରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟ, ସମାଜର ବରିଷ୍ଠ ନାଗରିକମାନେ ସମ୍ମାନର ସହ ଜୀବନ ଧାରଣ ନିମନ୍ତେ ୨୦୦୭ ରୁ ୨୦୨୫ ଜାନୁୟାରୀ ମାସ ମଧ୍ୟରେ ପ୍ରଣୟନ କରିଥିବା ଆଇନଗତ ଅଧିକାର ବିଷୟରେ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା। ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସଙ୍କ ଆବାହକତ୍ୱରେ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସଚନ୍ଦ୍ର ନାୟକ, ମହାସଂଘର ସାଧାରଣ ସମ୍ପାଦକ କୈଳାଶଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ପଦ୍ମନ ରାୟ, ଉପଦେଷ୍ଟା ନିହାର ଦାସ, ସିଆରଏସଆର ମୁଖ୍ୟନିର୍ବାହୀ ଡ. ଭଗବାନଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲା ବେଳେ ବରିଷ୍ଠ ନାଗରିକ ସୁଧାକର ରାଉତ, ଇଂ ମହେଶ ଦାସ, ରାମଚନ୍ଦ୍ର କର, ନରସିଂହ ମିଶ୍ର, ଚନ୍ଦ୍ରକାନ୍ତ ନାୟକ, ଇନ୍ଦ୍ରମଣି ପଣ୍ଡା, ଅବଦୁଲ ମୋକିତ ଖାଁ, ଶାନ୍ତନୁ ରାଉତ, ମଧୁସୂଦନ ସାହୁ, ଗୀତାରାଣୀ ଆଇଚ, ଶାନ୍ତିଲତା ବାରିକ, ସଂଯୁକ୍ତା ଯାଦବ, ରାଧାରାଣୀ ମହାପାତ୍ର, ବାବୁଲାଲ ଦାସ, ଜଗବନ୍ଧୁ ମହାନ୍ତି, ଆଦିତ୍ୟ ନାୟକ, ଗୋଲକ ବିହାରୀ ସାହୁ, ବିଜୟ ପଣ୍ଡା, କାଳନ୍ଦୀ ପାତ୍ର, ଦିବାକର ବାରିକ, ଲକ୍ଷ୍ମଣ ମହାନ୍ତି, ବିଜୟ ପଣ୍ଡା, ଭାଗୀରଥି ବେହେରା, ମଦନ ମୋହନ ମହାକୁଡ଼ ମତ ବିନିମୟ କରିଥିଲେ। ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଏହାର ପ୍ରଚାର ପ୍ରସାର ପାଇଁ ବ୍ୟାପକ ଭାବେ ଆୟୋଜନ କରିବାକୁ ସୂଚନା ଦେବା ସହ ଏଥିପାଇଁ ମହାସଂଘର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି।

**ସିଆର୍ଏସ୍ଆର୍‌ର ଚରମ୍ପା ମୁଖ୍ୟ କାର୍ଯ୍ୟାଳୟରେ ମାଗଣା ସେବା**

ସେହିପରି ଫିଜିଓଥେରାପି ମାଧ୍ୟମରେ ଆଣ୍ଠୁ ଗଣ୍ଠି, ସ୍ନାୟୁ ସମ୍ବନ୍ଧୀୟ ନିଃଶୁଳ୍କ ସେବା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ସିଆରଏସଆରର ମୁଖ୍ୟ କାର୍ଯ୍ୟାଳୟ ଚରମ୍ପାଠାରେ ଦୈନିକ ସକାଳ ସାଢେ ୯ ରୁ ଜିଲ୍ଲାର ସମସ୍ତ ବରିଷ୍ଠ ନାଗରିକ ପ୍ରମାଣପତ୍ର ଦେଖାଇ ମାଗଣାରେ ସେବା ପାଇପାରିବେ। ଧାମନଗରଠାରେ ନିର୍ମାଣ ହୋଇଥିବା ଶ୍ରଦ୍ଧାଳୟରେ ଯେଉଁ ବରିଷ୍ଠମାନେ ପରିବାରଠାରୁ ନିର୍ଯାତନାର ଶିକାର ହେଉଥିବେ, ସେମାନେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରି ଏଠାରେ ରହିବା ପାଇଁ ରାଜ୍ୟ ସରକାର ସମସ୍ତ ସୁବିଧା ଉପଲବ୍ଧ କରାଇଛନ୍ତି ବୋଲି ସୂଚନା ଦିଆଯାଇଥିଲା। ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଦେଇଥିଲେ।

# ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପରିଚାଳନା ବୈଠକ



ଭଦ୍ରକ, ୧୫।୨(ସମିସ): ଚଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ବା ମାଟ୍ରିକ ପରୀକ୍ଷା-୨୦୨୫ (ରେଗୁଲାର ଓ ଏକ୍ସରେଗୁଲାର, ମଧ୍ୟମା ସଂସ୍କୃତ ପରୀକ୍ଷା ଓ ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା)ର ସୁପରିଚାଳନା ଲାଗି ଆଜି ପୂର୍ବାହ୍ନ ୧୧ଟା ବେଳେ ଭଦ୍ରକ ବିଏମ୍ ବାଗୁରାଇ ନୋଡାଲ ହାଇସ୍କୁଲଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଦାୟିତ୍ୱରେ ଥିବା ଅଧୀକ୍ଷକ, ପର୍ଯ୍ୟବେକ୍ଷକ ଏବଂ ଡେସପାଚ ଟିମ୍ ମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୂର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ଅତିରିକ୍ତ ଏସ୍‌ପି(ଡିଆଇବି) ଅଂଶୁମାନ ଦ୍ୱିବେଦୀ ଓ ଅତିରିକ୍ତ ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୧ରୁ ୬.୩.୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର ସୁପରିଚାଳନା ଲାଗି ଆଲୋଚନା କରିଥିଲେ। ଚଳିତ ମାଟ୍ରିକ ବା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ମୋଟ ୨୦୯୪୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏମାନଙ୍କ ମଧ୍ୟରେ ୨୮୪, ଏସଓଏସି-୬୨, କରେସପେଣ୍ଡେନସ୍-୨୨ ପରୀକ୍ଷା ଦେବେ। ସେହିଭଳି ଏଥର ଜିଲ୍ଲାରେ ମୋଟ ପରୀକ୍ଷା କେନ୍ଦ୍ର ସଂଖ୍ୟା-୧୧୫, ନୋଡାଲ ପରୀକ୍ଷାକେନ୍ଦ୍ର ସଂଖ୍ୟା-୧୧, ମୋଟ ସ୍କୁଲ ସଂଖ୍ୟା-୩୧୮, ଅଧୀକ୍ଷକଙ୍କ ସଂଖ୍ୟା-୧୧୫, ଡେସପାଚଟିମ୍ ସଂଖ୍ୟା-୨୭ ରହିଛି। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ରାଉତରାଏ କେନ୍ଦ୍ର ଅଧୀକ୍ଷକଙ୍କୁ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଆଡିସନାଲ ଏସ୍‌ପି ଶ୍ରୀ ଦ୍ୱିବେଦୀ ମଧ୍ୟ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ଲାଗି ଆଶ୍ୱାସନା ଦେଇଥିଲେ। ବୈଠକରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ହିମାଦ୍ରୀ ନନ୍ଦିନୀ ବିଶ୍ୱାଳ, ପ୍ରଶାନ୍ତ କୁମାର ସାହୁ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ବିଏମ ବାଗୁରାଇ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ମିର୍ଜା ଇମ୍‌ତିଆଜ ବେଗ ଓ ନରେଶ ଜେନା ସହଯୋଗ କରିଥିଲେ।

# ସମ୍ଭାବ୍ୟ ବର୍ଷାରୁ ଧାନକୁ ସୁରକ୍ଷିତ ରଖିବାକୁ ପରାମର୍ଶ

ଭଦ୍ରକ, ୧୫।୨(ସମିସ): ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ୧୯ ତାରିଖରୁ ଦୁଇ ତିନି ଦିନ ଧରି ଓଡ଼ିଶାର ୮ଟି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଉକ୍ତ ୮ଟି ଜିଲ୍ଲା ମଧ୍ୟରେ ଭଦ୍ରକ ଜିଲ୍ଲା ଅନ୍ତର୍ଭୁକ୍ତ। ଏହି ପରିପ୍ରେକ୍ଷୀରେ ସରକାରୀ ଦରରେ ମଣ୍ଡି ଜରିଆରେ ଧାନ ବିକ୍ରୟ କରିବା ପାଇଁ ଅପେକ୍ଷାରତ ପଞ୍ଜିକୃତ ଚାଷୀମାନେ ସେମାନଙ୍କ ଖଳାରେ ରଖିଥିବା ଧାନକୁ ବର୍ଷା ପାଣିରେ ନ ଭିଜିବା ପାଇଁ ପଲିଥିନ ଆଦିରେ ଘୋଡ଼ାଇ ସୁରକ୍ଷିତ ରଖିବା ପାଇଁ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତ୍‌ରାଏ ଜିଲ୍ଲାର ଚାଷୀଙ୍କୁ ପରାମର୍ଶ ପ୍ରଦାନ କରିଛନ୍ତି। ଏଥିପାଇଁ ଆବଶ୍ୟକ ସୂଚନା ପ୍ରଦାନ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ଜଣାଇଛନ୍ତି କି ଉକ୍ତ ଦିନଗୁଡ଼ିକରେ ଧାନ ବିକ୍ରୟ ପାଇଁ ଚାଷୀ ପାଇଥିବା ଟୋକେନ୍ ଅନୁଯାୟୀ ଧାନ ବିକ୍ରୟ କରି ନ ପାରିଲେ ବି ଟୋକେନ୍ କୌଣସି ପ୍ରକାରେ ଲାପସ ହେବନାହିଁ। ଏଥିପାଇଁ ପୂର୍ବ ପ୍ରଦତ୍ତ ସୂଚନା ଅନୁଯାୟୀ ଧାନ ବିକ୍ରି କରି ନ ପାରିବାର ଯଥାର୍ଥ କାରଣ ଥିଲେ ୧୫ ଦିନ ପର୍ଯ୍ୟନ୍ତ ଟୋକେନ୍ ର ଅବଧି ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର କ୍ଷମତା ପ୍ରଦାନ କରିଛନ୍ତି। ସମ୍ଭାବ୍ୟ ବର୍ଷାର ଅଳ୍ପଦିନ ପୂର୍ବରୁ କିମ୍ବା ବର୍ଷା ସମୟରେ ଧାନ ବିକିବା ପାଇଁ ବ୍ୟତିବ୍ୟସ୍ତ ନ ହୋଇ ବରଂ ଧାନକୁ ସୁରକ୍ଷିତ ରଖିବା ପାଇଁ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଛନ୍ତି।

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ବାରିକପୁର, ୧୫।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଜଗନ୍ନାଥପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ରୋଜାଲିନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଶଶଧର ସାହୁ, ମୁଖ୍ୟବକ୍ତା ଭାବେ ଡାକ୍ତର ହୃଦୟ ପ୍ରଧାନ, ନିମନ୍ତ୍ରିତଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ମଳିକ, ଅଖିଳ କିଶୋର ମହାପାତ୍ର, କୀର୍ତ୍ତନ ବିହାରୀ ମଳିକ, ନାରାୟଣଚନ୍ଦ୍ର ଦାସ, ଧନେଶ୍ୱର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ଅର୍ଦ୍ଧ ବାର୍ଷିକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

# ଅଣିଜୋ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା, ୧୫।୨(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଅଣିଜୋ ପଞ୍ଚାୟତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ନରିପୁରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିକ୍ରମ କେଶରୀ ପାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଏବିଓ ପ୍ରମୋଦ ପଣ୍ଡା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାହ୍ନୁଚରଣ ତ୍ରିପାଠୀ, ସମ୍ମାନିତ ଅତିଥି ଏବିଓ ଭାଗିରଥି ପାତ୍ର, ସରପଞ୍ଚ ମାଳତୀଲତା ପୃଷ୍ଟି, ସମିତିସଭ୍ୟା ଅତସ୍ମିତା ରାଉତ, ପୂର୍ବତନ ସିଆରସିସି ମନୋଜ ରାଉଳ, ଜଗତ୍ ଜୀବନ ଜେନା, ଏନପିଏସ ସଂଘ ସଭାପତି ସୁକାନ୍ତ ବେହେରା, ସିଆରସିସି ଅକ୍ଷୟ ସାହୁ, ଗୋପୀନାଥଜୀଉ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ପାତ୍ର, ମୋ ସ୍କୁଲ ଅଭିଯାନ ସଭାପତି ରାମଚନ୍ଦ୍ର ପାଣିଗ୍ରାହୀ ଓ ସହକାରୀ ଶିକ୍ଷକ ହିମାଂଶୁ ଶେଖର ଦାସ ପ୍ରମୁଖ ଯୋଗଦେଇଥିବା ବେଳେ ପଞ୍ଚାନନ ପୃଷ୍ଟି ମଞ୍ଚ ସଞ୍ଚାଳନ କରିଥିଲେ। ପରିଚାଳନା କମିଟି ସଭାପତି ଜ୍ଞାନରଞ୍ଜନ ଦାସ, ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରଫୁଲ୍ଲ ଜେନା, ପ୍ରଫୁଲ୍ଲ ସାହୁ, ଭାରତୀ ମୁଦୁଲି, ରମାକାନ୍ତ ଜେନା ଏବଂ ସୁମିତ୍ର ପାଢୀ ମତ ରଖିଥିଲେ। ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ବିଇଓ କାର୍ଯ୍ୟାଳୟରେ ଅଚଳାବସ୍ଥା

**ଗତମାସରୁ ଆନ୍ଦୋଳନରେ ହିସାବ ରକ୍ଷକ**



ଭଦ୍ରକ/ବାରିକପୁର, ୧୫।୨(ସମିସ): ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗରେ କାର୍ଯ୍ୟ କରୁଥିବା ହିସାବରକ୍ଷକ ଏବଂ ଏମଆଇଏସ ମିଳିତ କର୍ମଚାରୀ ସଂଘ ପକ୍ଷରୁ ଗତ ଜାନୁଆରୀ ମାସ ୨୯ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଫଳରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଗୁଡିକରେ ଅଚଳାବସ୍ଥା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବିଇଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ତିନିଜଣ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ କୌଣସି ସରକାରୀ କାର୍ଯ୍ୟ ହୋଇପାରୁନାହିଁ। ବ୍ଲକଠାରୁ ଜିଲ୍ଲା ଓ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଶିକ୍ଷା ବିଭାଗରେ ଅନଲାଇନ କମ୍ପ୍ୟୁଟର କାମ ଏକପ୍ରକାର ଠପ ହୋଇଯାଇଛି। ଓଡିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ସଂସ୍ଥା ଦ୍ୱାରା ହିସାବ ରକ୍ଷକ ଓ ଏମଆଇଏସ କର୍ମଚାରୀମାନେ ନିଯୁକ୍ତ ହୋଇଛନ୍ତି। ଦୀର୍ଘ ବର୍ଷ ହେବ ଏମାନେ ନିଷ୍ଠାପର ସହିତ କାର୍ଯ୍ୟ କରୁଥିଲେ ସୁଦ୍ଧା ଶିକ୍ଷା ପ୍ରାଧିକରଣ ସଂସ୍ଥା ସେମାନଙ୍କ ଦାବି ପୂରଣ କରିବାରେ ବିଫଳ ହୋଇଛି। ଏପରିକି ସେମାନଙ୍କୁ ଏକପ୍ରକାର ଶୋଷଣ କରାଯାଉଥିବା ଆନ୍ଦୋଳନରତ କର୍ମଚାରୀମାନେ ସୂଚନା ଦେଇଛନ୍ତି। ଭଣ୍ଡାରିପୋଖରୀ ବ୍ଲକ ସମେତ ଭଦ୍ରକ ଜିଲ୍ଲାରୁ ମୋଟ ୨୬ଜଣ କର୍ମଚାରୀ ଏବେ କାମ ବନ୍ଦ କରିଥିବା ବେଳେ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବହୁ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟାଳୟକୁ ଆସୁଥିବା ବେଳେ କାମ ନହେବାରୁ ସେମାନେ ନିରାଶ ହୋଇ ଫେରୁଥିବା ଦେଖାଯାଉଛି। ଏପରିସ୍ଥଳେ ବ୍ଲକସ୍ତରୀୟ ହିସାବରକ୍ଷକ ଏବଂ ଏମଆଇଏସ ମିଳିତ କର୍ମଚାରୀ ସଂଯୋଜକ ସଂଘ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଏହାଛଡା ଯେପର୍ଯ୍ୟନ୍ତ ଦାବି ପୂରଣ ନହୋଇଥିବ ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଇଛଦା ପୁରୁଷୋତ୍ତମ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



ଧାମନଗର, ୧୫।୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅଧୀନ ଇଛଦା ପୁରୁଷୋତ୍ତମ ପବ୍ଲିକ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ରତ୍ନାକର ପରିଡ଼ା ସଭାପତିତ୍ୱ କରିଥିବା ବେଳେ ସାମ୍ବାଦିକ ମନୋରଞ୍ଜନ ବାରିକ ସଭାକୁ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ଓ କବି ଇଂ ଅଭୟ ସୂତାର, ମୁଖ୍ୟବକ୍ତା ପଣ୍ଡିତ ଦୈତାରି ମହାପାତ୍ର, ସମ୍ମାନିତ ଅତିଥି ସମାଜସେବୀ ସାରସ୍ୱତ ସାଧିକା ସଂଯୁକ୍ତା ବଳ, ପଦ୍ମନାଭ ପାଣିଗ୍ରାହୀ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ରାଉତ ଅତିଥି ପରିଚୟ ପ୍ରଦାନ, ପୂଜାରାଣୀ ଜେନା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟ ତରଫରୁ ସ୍ଥାନୀୟ ପ୍ରତିଭା ସତ୍ୟଜିତ ଗୋଚ୍ଛାୟତ, ମନିଶା ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରଛାତ୍ରୀ, ଅଭିଭାବକ ଶୈଳବାଳା ଦେ, ପ୍ରତିମା ଖୁଣ୍ଟିଆ, କ୍ଷଣପ୍ରଭା ଦାସ, ବିନିତା ଦାସ, ବିଜୟାଲକ୍ଷ୍ମୀ ବେହେରା, ରାଜଲକ୍ଷ୍ମୀ ବେହେରା, ନାମିତା ରାଉତ, ଇସ୍ପିତା ସାମଲ, ପ୍ରଜ୍ଞା ପରମିତା ଦାସ, ବର୍ଷାରାଣୀ ଦାସ, ମନୋଜ ଜେନା, ଫାତମା ଖାତୁନ ପ୍ରମୁଖ ଯୋଗ ଦେଇଥିଲେ। ଧର୍ମେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ, ୧୫।୨(ସମିସ): ଭଦ୍ରକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସଡ଼କ ସୁରକ୍ଷା ନିମିତ୍ତ ସଚେତନତା କାର୍ଯ୍ୟକ୍ରମ ସିନ୍ଦୋଳ ପଞ୍ଚାୟତ ହାଇସ୍କୁଲ, ତିହିଡ଼ି, ଭଦ୍ରକଠାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଥମେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ସଚେତନତା କାର୍ଯ୍ୟକ୍ରମ ସଡ଼କସୁରକ୍ଷା ତଥା ଏମ.ଭି.ଆକ୍ଟ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ନିଜର ବକ୍ତୃତା ମାଧ୍ୟମରେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ତଥ୍ୟ ନିଜେ ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ଥିବା ଅତିଥି ଓ ଛାତ୍ରଛାତ୍ରୀମାନଙ୍କୁ ଅନେକ ମହତ୍ୱପୂର୍ଣ୍ଣ କଥାବ୍ୟକ୍ତ କରିଥିଲେ। ସଚିବ ନେହା ଅଗ୍ରୱାଲ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପିଲାମାନଙ୍କୁ ବିଭିନ୍ନ ଉଦାହରଣ ଦେଇ ସେମାନଙ୍କ ମଧ୍ୟରେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିଥିଲେ। ପୀରହାଟ ଥାନା ସବଇନ୍ସପେକ୍ଟର ସୁପ୍ରକାଶ ମହାନ୍ତି, ଭଦ୍ରକ ତାପସ କୁମାର ମହାନ୍ତି, ବହ୍ନିଶିଖା ବିଶ୍ୱାଳ, ସହାୟକ ଏଲ୍‌ଏଡିସିଏସ୍ ଭଦ୍ରକ, ବିଶ୍ୱନାଥ ପଣ୍ଡା ପ୍ରଧାନଶିକ୍ଷକ, ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ର, ସିନ୍ଦୋଳ ପଞ୍ଚାୟତ ବିଦ୍ୟାପୀଠ, ତିହିଡ଼ି, ଭଦ୍ରକ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀମାନେ ଯୋଗ ଦେଇଥିଲେ।

# ଆଖଣ୍ଡଳମଣିଙ୍କ ମହାଶିବରାତ୍ରୀ ପାଇଁ ଆଇନଶୃଙ୍ଖଳା ସମୀକ୍ଷା

**ପୁଲିସ ବ୍ୟବସ୍ଥା ମଧ୍ୟରେ ଦର୍ଶନ କରିବେ ଭକ୍ତ**

ଭଦ୍ରକ/ଆରଡି, ୧୫।୨(ସମିସ)



ଚଳିତମାସ ୨୬ରେ ବାବା ଆଖଣ୍ଡଳମଣିଙ୍କ ମହାଶିବରାତ୍ରୀ(ଜାଗରଯାତ୍ରା)। ଏଥିପାଇଁ ବାବାଙ୍କ ପୀଠ ଆରଡି ଧାମରେ ଆଗେଇ ଚାଲିଛି ପ୍ରସ୍ତୁତି କାର୍ଯ୍ୟ। ଲକ୍ଷାଧିକ ଭକ୍ତମାନଙ୍କର ଆଗମନକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯିବ। ଏଥିପାଇଁ ଶନିବାର ଅପରାହ୍ନରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକଙ୍କ ସହ ଭଦ୍ରକ ଏସପି ସନ୍ଦୀପ ମଡକର ସମ୍ପଦ, ଏଏସପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ, ଧୂଷୁରୀ ଥାନାଧିକାରୀ ସାନ୍ତୁନ ଜେନା, ଆରଡି ଫାଣ୍ଡି ଅଧିକାରୀ ଆର.କେ ନାୟକ ପ୍ରମୁଖ ପୀଠକୁ ପରିଦର୍ଶନ କରିଥିଲେ। ଭକ୍ତଙ୍କ ମନ୍ଦିର ଭିତରକୁ ପ୍ରବେଶ ଓ ପ୍ରସ୍ଥାନ ବାବଦରେ ଡିଆଇଜି ସ୍ଥାନୀୟ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ।ଯେପରି ଭାବେ ମଣିବାବାଙ୍କୁ ଶୃଙ୍ଖଳାର ସହ ଭକ୍ତମାନେ ଦର୍ଶନ କରିବେ ଓ ଜାଗର ଦୀପ ଜାଳିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବ ବୋଲି କହିଥିଲେ ଡିଆଇଜି ଶ୍ରୀ ନାୟକ। ରହିବେ। ମଣିବାବାଙ୍କର ମହାଦୀପ ଓ ସୁନାବେଶ ମଧ୍ୟରାତ୍ରରେ ଅନୁଷ୍ଠିତ ହେଉଥିବାର ଭକ୍ତମାନଙ୍କର ଭିଡ ଅଧିକ ହେବ ବୋଲି ସେବାୟତମାନେ କହିଥିଲେ। ଏହି

**• ପୀଠ ପରିଦର୍ଶନ କଲେ ପୂର୍ବାଞ୍ଚଳ ଡିଆଇଜି ଓ ପୁଲିସ ଟିମ୍**

**• ନଦୀଘାଟ ଓ ପୁଷ୍କରିଣୀକୁ ଜଗିବେ ଓଡ୍ରାଫ ଓ ଅଗ୍ନିଶମ ଦଳ**

ସେହିପରି ମନ୍ଦିର ବାହର ବେଢ଼ା ଓ ବଜାର ରାସ୍ତା ସଂକୀର୍ଣ୍ଣ ଥିବାରୁ ଭିଡ଼ ସମୟରେ ଅଧିକ ପୁଲିସ ନିୟୋଜିତ ରହିବା ସହ ଟ୍ରାଫିକ ବ୍ୟସ୍ଥାକୁ କଡାକଡି କରାଯିବ। ଅନ୍ୟପଟେ ପୀଠକୁ ଜଳପଥରେ ଆସୁଥିବା ଭକ୍ତମାନେ ଯେପରି ଭାବେ ସୁରକ୍ଷିତ ଭାବେ ନଦୀ ପାରି ହୋଇଆସିବେ ସେଥିପାଇଁ ପୀଠରେ ଥିବା ୩ଟି ନଦୀଘାଟରେ ଓଡ୍ରାଫଟିମ, ଅଗ୍ନିଶମବାହିନୀ ଓ ପୁଲିସ ନିୟୋଜିତ ସମୟରେ ଅଧିକ ସଂଖ୍ୟକ ପୁଲିସ ଫୋର୍ସ ମନ୍ଦିର ଭିତର ବେଢା ଓ ବାହାର ବେଢାରେ ନିୟୋଜିତ କରାଯିବ ବୋଲି ଡିଆଇଜି ଶ୍ରୀ ନାୟକ କହିଥିଲେ। ଏଥିସହ ଡିଆଇଜି ଶ୍ରୀ ନାୟକ ମଣିବାବାଙ୍କୁ ଦର୍ଶନ କରିବା ସହ ବେଢ଼ା ବୁଲି ଦେଖିଥିଲେ। ଟ୍ରଷ୍ଟବୋର୍ଡ ସଭ୍ୟ ସରୋଜ ଦାସ, ସେବାୟତ ଅରବିନ୍ଦ ପାଢୀ, ଶିବାନନ୍ଦ ପାଢୀ, ରାଜେନ୍ଦ୍ର ପଣ୍ଡା, କୈଳାସ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

